


ଓଡ଼ିଶା ସରକାର

# ବଜେଟ୍
## ୨୦୧୪-୧୫

ଦ୍ୱିତୀୟ ଭାଗ

# ସାଧାରଣ

**ଶ୍ରୀ ପ୍ରଦିପ କୁମାର ଅମାତ**

ଅର୍ଥ ମନ୍ତ୍ରୀଙ୍କ

ଦ୍ୱାରା ଉପସ୍ଥାପିତ

**୧୭ ଜୁନ, ୨୦୧୪**

**ବାଚସ୍ପତି ମହୋଦୟ !**

ବର୍ତ୍ତମାନ ମୁଁ ବଜେଟ ଅଭିଭାଷଣର ଦ୍ୱିତୀୟ ଭାଗ ଉପସ୍ଥାପନ କରୁଛି; ଯାହା ସାଧାରଣ ବଜେଟ ଅଟେ ।

## 2. ଅର୍ଥନୀତିର ସ୍ଥୂଳ ଦୃଶ୍ୟପଟ୍ଟ

**2.1** ବିଶ୍ୱ ଅର୍ଥନୀତିର ଦୀର୍ଘକାଳୀନ ମାନ୍ଦାବସ୍ଥା ପରେ 2013-14 ମସିହାର ଦ୍ୱିତୀୟାର୍ଦ୍ଧ ଠାରୁ ବିଶ୍ୱ ଆର୍ଥିକ ସ୍ଥିତିର ସୁଧାର ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ 2014-15 ଠାରୁ ଏହା ଅଧିକ ଅଗ୍ରଗତି କରିବା ଆଶା କରାଯାଏ। ମୁଖ୍ୟତଃ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର ମାନଙ୍କ ଠାରୁ ଆର୍ଥିକ ସୁଧାରର ଧାରା ଆରମ୍ଭ ହୋଇଛି; ଯଦିଓ ବିଭିନ୍ନ ରାଷ୍ଟ୍ରପାଇଁ ଏହାର ବେଗ ଭିନ୍ନ ଭିନ୍ନ ଅଟେ । ଏଥି ସହିତ ବିକଶିତ ବଜାର ଅର୍ଥନୀତି ଗୁଡିକର ଆର୍ଥିକ ଢାଞ୍ଚାଗତ କଟକଣା ଅର୍ଥିନୀତିର ବିକାଶକୁ କିଛିମାତ୍ରାରେ ପ୍ରତିହତ ମଧ୍ୟ କରିଛି । ମୋଟାମୋଟି ଭାବରେ ବିଶ୍ୱ ଅର୍ଥନୀତିର ରୂପରେଖ ଅସମତୁଲ।

**2.2** ବର୍ତ୍ତମାନ ଆର୍ଥିକସୁଧାର ପ୍ରକ୍ରିୟାର ଆଧାରରେ ପ୍ରାକ୍କଳନ କରାଯାଉଛି ଯେ 2014-15 ରେ ଭାରତୀୟ ଅର୍ଥନୀତିର ସୁଧାର ପ୍ରକ୍ରିୟା ଜାରି ରହିବ । 2013-14 ଆର୍ଥିକ ବର୍ଷର ଆଗୁଆ ଆକଳନ ଅନୁସାରେ ସାମଗ୍ରୀକ ଘରୋଇ ଉତ୍ପାଦ (GDP) ର ଅଭିବୃଦ୍ଧି ହାର 4.7 ପ୍ରତିଶତ ଥିବାବେଳେ 2014-15 ରେ ଏହା 5.5 ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି । କେନ୍ଦ୍ରରେ ନୂତନ ସରକାର ଆସିବାପରେ ଦ୍ରୁତ ଆର୍ଥିକ ଅଭିବୃଦ୍ଧିର ପ୍ରକ୍ରିୟାର ପ୍ରତ୍ୟାବର୍ତ୍ତନ ଓ କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ବିକାଶର ଧାରା ଚଳିତ ଆର୍ଥିକ ବର୍ଷରେ ଅବ୍ୟାହତ ରହିବବୋଲି ଦୃଢ ଆଶା ସଂଚାର କରିଛି ।

**2.3** ବିଶ୍ୱ ଅର୍ଥନୀତିର ମାନ୍ଦାବସ୍ଥା ସତ୍ତ୍ୱେ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧି ହାର 2013-14ର ପ୍ରାକ୍ଆକଳନ ଅନୁସାରେ 5.6 ପ୍ରତିଶତ ରହିଛି । ଯଦିଓ ଏହା ଏକ ସାମୟିକ ଆକଳନ ଅଟେ; ଏହା ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ରାଜ୍ୟ ଅର୍ଥନୀତିର ବିକାଶ ପ୍ରକ୍ରିୟା ଜାତୀୟ ଅର୍ଥନୀତିର ଅଭିବୃଦ୍ଧି ହାର ତୁଳନାରେ ଯଥେଷ୍ଟ ଊର୍ଦ୍ଧ୍ୱରେ କ୍ରମାଗତ ଭାବରେ ରହିଆସୁଛି ।

**2.4** ଜାତୀୟ ଅର୍ଥନୀତି ଭଳି ଚଳିତ ବର୍ଷ ରାଜ୍ୟ ଅର୍ଥନୀତିରେ ଧୀରଗତିରେ ଅଭିବୃଦ୍ଧି ଘଟିବ । ଯଦିଓ ଚଳିତ ବର୍ଷପାଇଁ ଅଭିବୃଦ୍ଧିର ପୂର୍ବାନୁମାନ କରାଯାଇନାହିଁ; ଆର୍ଥିକ ସୂଚକାଙ୍କ ଆକଳନ କଲାବେଳେ 2014-15 ଆର୍ଥିକ ବର୍ଷରେ ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦ (GSDP) ର ଅଭିବୃଦ୍ଧି ହାର 6.5 ପ୍ରତିଶତ ହେବ ବୋଲି ଅନୁମାନ କରାଯାଇଛି ।

## 3. ବିଗତ ପାଞ୍ଚ ବର୍ଷରେ ଆର୍ଥିକ ପରିଚାଳନା

**3.1** ରାଜ୍ୟର ସୁସଂସ୍ଥାପିତ ଆର୍ଥିକ ଅବସ୍ଥା ଆମ ସରକାରଙ୍କର ଏକ ପ୍ରମୁଖ ସଫଳତା । ଓଡିଶା ବିତ୍ତୀୟ ଉତ୍ତରଦାୟୀ ଆଇନ 2005 ଆର୍ଥିକ ଶୃଙ୍ଖଳା ଓ ଦୃଢତା ପାଇଁ ମାର୍ଗ ଦର୍ଶକ ଅଟେ । ମୁଁ ଏହି ପବିତ୍ର ଗୃହକୁ ଜଣାଇବାକୁ ଚାହେଁ ଯେ ନିର୍ଦ୍ଧାରିତ କେତେକ ପରିମାପକ ଗୁଡିକୁ ବିଚାରକୁ ନେଇ ବିଭିନ୍ନ ରାଜ୍ୟର ଆର୍ଥିକ ସ୍ଥିତିର ମୂଲ୍ୟାୟନ କଲାପରେ ଆମ ରାଜ୍ୟ ସବୁଠାରୁ ଶୀର୍ଷ ସ୍ଥାନରେ ରହିଛି ବୋଲି ଏକ ଅନୁଶୀଳନରୁ ଜଣାପଡିଛି ।

ଆମ ରାଜ୍ୟରେ କ୍ରମାଗତ ଭାବେ 2005-06 ମସିହା ଠାରୁ ଆର୍ଥିକ ରାଜସ୍ୱ ବଳକା ଜାରି ରହିଛି । 2004-05 ଆର୍ଥିକ ବର୍ଷ ଠାରୁ ଆମର ଆର୍ଥିକ ନିଅଣ୍ଟ ସାମଗ୍ରୀକ ଘରୋଇ ଉତ୍ପାଦର 3 ପ୍ରତିଶତ ମଧ୍ୟରେ ସୀମିତ ରଖାଯାଇପାରିଛି । ଆମର ସୁଧଦେୟ ଓ ରାଜସ୍ୱ ପ୍ରାପ୍ତିର ଅନୁପାତ 2009-10 ମସିହା ପରଠାରୁ 5.5 ରୁ 6 ପ୍ରତିଶତ ମଧ୍ୟରେ ରହିଛି । ସୁଧଦେୟ ଓ ରାଜସ୍ୱପ୍ରାପ୍ତିର ଅନୁପାତ ଦ୍ୱାଦଶ ଅର୍ଥ କମିଶନଙ୍କର ନିର୍ଦ୍ଧାରିତ ସୀମା 15 ପ୍ରତିଶତ ମଧ୍ୟରେ 2007-08 ଆର୍ଥିକ ବର୍ଷଠାରୁ ରହିଛି । ସାମଗ୍ରୀକ

ଘରୋଇ ଉତ୍ପାଦ ଓ ଋଣ ଅନୁପାତ ତ୍ରୟୋଦଶ ଅର୍ଥ କମିଶନ ଧାର୍ଯ୍ୟ କରିଥିବା ସୀମା 25 ପ୍ରତିଶତ ମଧ୍ୟରେ 2008-09 ମସିହା ଠାରୁ ଜାରି ରହିଛି । ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ବିଗତ 5 ବର୍ଷ ମଧ୍ୟରେ ଅଧିକାଂଶ ସମୟରେ ନିଜ ଟିକସ ଓ ଅଣ ଟିକସ ରାଜସ୍ୱର ହାରାହାରି ଅଭିବୃଦ୍ଧି ହାର 18 ପ୍ରତିଶତ ରହିଛି ।

**3.2** 2011-12 ଠାରୁ ରାଜ୍ୟ ସରକାର ଦରମା, ପେନ୍‌ସନ୍, ସୁଧ ଦେୟ ଓ ଋଣ ପରିଶୋଧ ପ୍ରଭୃତି ପ୍ରତିଶ୍ରୁତିବଦ୍ଧ ବ୍ୟୟ (Committed Expenditure) କୁ ନିଜ ରାଜସ୍ୱରୁ ତୁଲାଇ ପାରିଛନ୍ତି ।

**3.3** ରାଜ୍ୟ ଅର୍ଥର ସୁପରିଚାଳନା ଯୋଗୁଁ ଯୋଜନା କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ ପାଇଁ ପଥ ଉନ୍ମୁକ୍ତ ହୋଇଛି । 2007-08 ଆର୍ଥିକ ବର୍ଷରେ ରାଜ୍ୟର ଯୋଜନା କଳେବର 5105.00 କୋଟି ଟଙ୍କା ଥିବାବେଳେ 2013-14 ଆର୍ଥିକ ବର୍ଷରେ 19367.00 କୋଟି ଟଙ୍କାରେ ପହଞ୍ଚିଛି ।

**3.4** ବଜେଟ୍ କଳେବର ବୃଦ୍ଧି ହେତୁ ଆମ ସରକାର ଅତ୍ୟାବଶ୍ୟକ ଖର୍ଚ୍ଚପାଇଁ ଅଧିକ ଅର୍ଥ ବିନିଯୋଗ କରିଛନ୍ତି ଏବଂ ଅତିରିକ୍ତ ସମ୍ବଳକୁ ବିନିଯୋଗ କରି ପୁଞ୍ଜି ନିବେଶ ବୃଦ୍ଧି କରିପାରିଛନ୍ତି । 2006-07 ଆର୍ଥିକ ବର୍ଷରେ ପୁଞ୍ଜିଖର୍ଚ୍ଚ 1451.47 କୋଟି ଥିବାବେଳେ 2013-14 ଆର୍ଥିକ ବର୍ଷରେ (ସଂଶୋଧିତ ଆକଳନ) ଏହା 6 ଗୁଣ ବୃଦ୍ଧି ପାଇ 7861.41 କୋଟି ଟଙ୍କାରେ ପହଞ୍ଚିଛି ।

**3.5** ଅର୍ଥବ୍ୟବସ୍ଥାକୁ ଆମ ରାଜ୍ୟରେ ସତର୍କତାର ସହିତ ପରିଚାଳନା କରାଯାଇଛି । 2004 ମସିହା ଡିସେମ୍ବର ମାସ ଠାରୁ ରାଜ୍ୟ ସରକାର ରିଜର୍ଭ ବ୍ୟାଙ୍କରୁ ସାଧନୋପାୟ ଅଗ୍ରୀମ ବା ଜମା ଠାରୁ ଅଧିକ ଟଙ୍କା ଉଠାଇ ନାହାନ୍ତି ।

## 4. 2013-14 ର ଆର୍ଥିକ ସ୍ଥିତି (ସଂଶୋଧିତ ଅଟକଳ)

**4.1** ଆର୍ଥିକ ପରିସ୍ଥିତିରେ ମାନ୍ଦାବସ୍ଥା ସତ୍ତ୍ୱେ ରାଜ୍ୟର ଆର୍ଥିକ ଅବସ୍ଥା ସନ୍ତୋଷ ଜନକ ରହିଛି । ରାଜ୍ୟ ସରକାର ନିଜର ରାଜସ୍ୱକୁ ରାଜ୍ୟର ଆର୍ଥିକ ଅଭିବୃଦ୍ଧିର ପ୍ରାକ ଆକଳନ ଠାରୁ ଅତିକ୍ରମ କରିବାରେ ସମର୍ଥ ହୋଇଛନ୍ତି । ରାଜ୍ୟ ସରକାରଙ୍କର ଯୋଜନା ଓ ମୁଖ୍ୟ ଉନ୍ନୟନ ଖର୍ଚ୍ଚରେ ପର୍ଯ୍ୟାପ୍ତ ପରିମାଣରେ ଅଭିବୃଦ୍ଧି ଘଟିଛି । ରାଜ୍ୟରେ ପୁଞ୍ଜି ବିନିଯୋଗର ସ୍ତରକୁ ଆଖି ଦୃଶିଆ ଭାବରେ ବଢାଇବାରେ ରାଜ୍ୟ ସରକାର ସକ୍ଷମ ହୋଇଛନ୍ତି ।

**4.2** ଚଳିତ ଆର୍ଥିକ ବର୍ଷରେ ସାମଗ୍ରୀକ ଖର୍ଚ୍ଚର ସଠିକ ଭାବରେ ତୁଲାଯାଇପାରିଛି ଏବଂ ରାଜ୍ୟ ସରକାରଙ୍କର ଆର୍ଥିକ ଦୃଢୀକରଣ ପଦକ୍ଷେପ ଦ୍ୱାରା ସମସ୍ତ ଆର୍ଥିକ ସୂଚକାଙ୍କ ଓଡିଶା ବିତ୍ତୀୟ ଉତ୍ତର ଦାୟୀ ଆଇନ 2005 ର ଧାର୍ଯ୍ୟ ସୀମା ଭିତରେ ରଖାଯାଇପାରିଛି ।

**4.3** 2013-14 ସଂଶୋଧିତ ଅଟକଳ ଅନୁସାରେ ଆମର ବଳକା ରାଜସ୍ୱ 1951.49 କୋଟି ଟଙ୍କା; ଯାହା ସାମଗ୍ରୀକ ଘରୋଇ ଉତ୍ପାଦର 0.68 ପ୍ରତିଶତ ଅଟେ । ସେହିପରି ଆର୍ଥିକ ନିଅଣ୍ଟ ପରିମାଣ 5923.05 କୋଟି ଟଙ୍କା ଯାହା ସାମଗ୍ରୀକ ଘରୋଇ ଉତ୍ପାଦର 2.05 ପ୍ରତିଶତ ଅଟେ । 2013-14 ବର୍ଷ ଶେଷର ସଂଶୋଧିତ ଅଟକଳ ଅନୁସାରେ ସରକାରୀ ଋଣ ଓ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ 14.68 ପ୍ରତିଶତ ରହିଛି । ଟିକସ ଓ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ 5.93 ପ୍ରତିଶତ ଅଛି ।

## 5. 2014-15 ବଜେଟ ଅଟକଳର ସାରାଂଶ

ସାଧାରଣ ଜନତାଙ୍କୁ ଦିଆଯାଇଥିବା ପ୍ରତିଶୃତି ଗୁଡିକର ପୂରଣ ପାଇଁ ଏବଂ ଜନତାଙ୍କର ମୌଳିକ ଭିତ୍ତିଭୂମି ଆବଶ୍ୟକତାର ପୂରଣ ନିମିତ୍ତ ଗମନାଗମନର ସୁବିଧା ପାଇଁ ରାସ୍ତା ଘାଟର ବିକାଶ, ପାନୀୟ ଜଳ, ବିଦ୍ୟୁତ

ଯୋଗାଣ, ଜଳ ସେଚନ, କୃଷି ଓ ଶିକ୍ଷାର ପ୍ରସାରକୁ ଦୃଷ୍ଟିରେ ରଖି 2014-15 ଆର୍ଥିକ ବର୍ଷର ବଜେଟ ଅଟକଳ ପ୍ରସ୍ତୁତ କରାଯାଇଛି । ଅତୀତରେ ପ୍ରତିଶ୍ରୁତିର ପାଳନ ପୂର୍ବକ ସମସ୍ତଙ୍କ ପାଇଁ ଖାଦ୍ୟ ନିରାପତ୍ତା, ଗୃହ ଯୋଗାଣ, ଯୁବକ, ମହିଳା, ଅନୁସୂଚିତି ଜାତି ଓ ଜନ ଜାତି ନାଗରିକ ମାନଙ୍କର ସଶକ୍ତିକରଣ ପାଇଁ ସରକାର ସତତ ଚେଷ୍ଟାରତ । ତ୍ରୟୋଦଶ ଅର୍ଥକମିଶନ ସୁପାରିଶ କରିଥିବା ବିତ୍ତୀୟ ଶୃଙ୍ଖଳାର ଲକ୍ଷ୍ୟ ଓ ଓଡିଶା ବିତ୍ତୀୟ ଉତ୍ତରଦାୟୀ ଆଇନ 2005 ର ଆର୍ଥିକ ଲକ୍ଷ୍ୟ ଗୁଡିକୁ ମଧ୍ୟ ପାଳନ କରିବାରେ ସରକାର ସମର୍ଥ ।

**5.1** ରାଜସ୍ୱ ପ୍ରାପ୍ତିର ଅଟକଳ ପ୍ରଥମ ବିଗତ ବର୍ଷରେ ଆଦାୟ ହୋଇଥିବା ରାଜସ୍ୱର ଅଭିବୃଦ୍ଧିକୁ ଆଧାର କରି ପ୍ରସ୍ତୁତ କରାଯାଇଛି । କେନ୍ଦ୍ରୀୟ ଟିକସର ହସ୍ତାନ୍ତର ବାବଦରେ ଆମେ ତ୍ରୟୋଦଶ ଅର୍ଥ କମିଶନ ନିର୍ଦ୍ଧାରଣ କରିଥିବା ନୀତିକୁ ଗ୍ରହଣ କରିଛୁ । ରାଜ୍ୟ ଯୋଜନା ପାଇଁ କେନ୍ଦ୍ରୀୟ ସହାୟତାର ପରିମାଣ ଯୋଜନା କମିଶନଙ୍କ ସହ ଅପଫିସର ସ୍ତରୀୟ ଆଲୋଚନା ଓ କେନ୍ଦ୍ର ସରକାରଙ୍କର ମୁଖ୍ୟ ମନ୍ତ୍ରଣାଳୟ ଗୁଡିକରୁ (Line Ministries) ପ୍ରାପ୍ତ ସୂଚନାକୁ ଆଧାର କରି ପ୍ରସ୍ତୁତ ହୋଇଅଛି ।

**5.2** କେନ୍ଦ୍ରୀୟ ଟିକସ ବାବଦରେ ରାଜ୍ୟ ଅଂଶ, ରାଜ୍ୟର ନିଜ ଟିକସ, ଅଣ ଟିକସ ତଥା ଅଣ ଯୋଜନା କ୍ଷେତ୍ରରେ କେନ୍ଦ୍ରରୁ ମିଳୁଥିବା ଅନୁଦାନକୁ ହିସାବକୁ ନେଇ 2014-15 ଆର୍ଥିକ ବର୍ଷ ପାଇଁ ରାଜ୍ୟର ମୋଟ ରାଜସ୍ୱ ପ୍ରାପ୍ତି 67,146 କୋଟି 96 ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି । 2014-15 ଆର୍ଥିକ ବର୍ଷରେ ଆମ ନିଜ ଟିକସ ଓ ଅଣ ଟିକସ ରାଜସ୍ୱ 27886 କୋଟି 65 ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି ଯାହା 2013-14 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଠାରୁ 13.45 ପ୍ରତିଶତ ଅଧିକ ଅଟେ । 2013-14 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ଅନୁସାରେ ଟିକସ / ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତ (Tax / GSDP Ratio)

5.93 ପ୍ରତିଶତ ଥିଲାବେଳେ 2014-15 ଆର୍ଥିକ ବର୍ଷରେ ଏହା 6.09 ପ୍ରତିଶତ ହେବବୋଲି ଲକ୍ଷ୍ୟ ରଖାଯାଇଛି ।

**5.3** 2014-15 ଆର୍ଥିକ ବର୍ଷରେ ଅଣ ଯୋଜନା ଖର୍ଚ୍ଚ ପାଇଁ ମୋଟ 40711 କୋଟି 1 ଲକ୍ଷ ଟଙ୍କା ବରାଦ କରାଯାଇଥିବା ବେଳେ ଏଥି ମଧ୍ୟରୁ ଦରମା, ସୁଧ ଦେୟ ଓ ପୁଞ୍ଜି ସମ୍ପତ୍ତିର ରକ୍ଷଣା ବେକ୍ଷଣ ପାଇଁ ଯଥାକ୍ରମେ 14980 କୋଟି 71 ଲକ୍ଷ ଟଙ୍କା, 7804 କୋଟି 48 ଲକ୍ଷ ଟଙ୍କା, 4729 କୋଟି 18 ଲକ୍ଷ ଟଙ୍କା ଏବଂ 4130 କୋଟି 59 ଲକ୍ଷ ଟଙ୍କା ରଖାଯାଇଛି ।

**5.4** 2014-15 ଆର୍ଥିକ ବର୍ଷପାଇଁ ରାଜ୍ୟ ଯୋଜନା ଅଟକଳ 40810 କୋଟି ଟଙ୍କାରେ ସ୍ଥିରୀକୃତ ହୋଇଛି । ଏଥିମଧ୍ୟରୁ 38810 କୋଟି ଟଙ୍କା ସରକାରୀ କ୍ଷେତ୍ର ଏବଂ 2000 କୋଟି ଟଙ୍କା ସରକାରୀ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ । ପୂର୍ବ ବର୍ଷ ତୁଳନାରେ 2014-15 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ଶତକଡା 100 ପ୍ରତିଶତରୁ ଅଧିକ ବ୍ୟୟ ବରାଦ କରାଯାଇଛି ।

**5.5** ବର୍ତ୍ତମାନ ପ୍ରଚଳିତ ଥିବା କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନା (CSS) ର ପୁର୍ନବିନ୍ୟାସ କରାଯାଇ 66ଟି କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନା ଆରମ୍ଭ କରାଯାଇଛି । ଯୋଜନା ଆୟୋଗ ନିଷ୍ପତ୍ତି ନେଇଛନ୍ତି ଯେ କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନାରେ ଶ୍ରେଣୀଭୁକ୍ତ ହୋଇଥିବା କେନ୍ଦ୍ରୀୟ ଅଂଶକୁ ରାଜ୍ୟ ଯୋଜନାରେ କେନ୍ଦ୍ରୀୟ ସହାୟତା ଭାବରେ ଅର୍ଥ ପ୍ରଦାନ କରାଯିବ । 2014-15 ଆର୍ଥିକ ବର୍ଷରେ 66 ଟି କେନ୍ଦ୍ରପ୍ରବର୍ତ୍ତୀତ ଯୋଜନାରେ କେନ୍ଦ୍ରୀୟ ସହାୟତା ବାବଦକୁ 11513 କୋଟି 1 ଲକ୍ଷ ଟଙ୍କା ଆର୍ଥିକ ସମ୍ବଳ ପ୍ରାପ୍ତିର ଅଟକଳ କରାଯାଇଛି । ଏପରିକି ଏହି 66 ଟି କେନ୍ଦ୍ରୀୟ ପ୍ରବର୍ତ୍ତୀତ ଯୋଜନାର କେନ୍ଦ୍ରୀୟ ସହାୟତାକୁ ରାଜ୍ୟ ଯୋଜନାରୁ ବାଦ୍ ଦେଲେ ମଧ୍ୟ ରାଜ୍ୟ ଯୋଜନା ଅଟକଳ 41 ପ୍ରତିଶତ ବୃଦ୍ଧି ପାଇବ ।

**5.6** ସରକାରୀ ଋଣ ପରିଶୋଧକୁ ମିଶାଇ 2014-15 ବଜେଟରେ ମୋଟ 80139 କୋଟି 58 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଅଣ ଯୋଜନା ପାଇଁ 40711 କୋଟି 1 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି; ଯାହା 2013-14 ଆର୍ଥିକ ବର୍ଷର ବଜେଟ୍ ଆକଳନ ତୁଳନାରେ 7.30 ପ୍ରତିଶତ ଅଧିକ ଅଟେ । ରାଜ୍ୟ ଯୋଜନା, କେନ୍ଦ୍ର ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତୀତ ଯୋଜନା ଯଥାକ୍ରମେ 38810 କୋଟି, 609 କୋଟି 42 ଲକ୍ଷ ଏବଂ 9 କୋଟି 15 ଲକ୍ଷ- ଏହିପରି ମୋଟ 39428 କୋଟି 57 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି; ଯାହା 2013-14 ଆର୍ଥିକ ବର୍ଷର ସଂଶୋଧିତ ଅଟକଳ ତୁଳନାରେ 72 ପ୍ରତିଶତ ଅଧିକ ଅଟେ ।

ମୁଁ ବର୍ତ୍ତମାନ 2014-15 ଆର୍ଥିକ ବର୍ଷ ବଜେଟ ଅଟକଳର କେତେକ ଗୁଣାତ୍ମକ ଦିଗ ଉପରେ ଆଲୋକପାତ କରୁଛି ।

**5.7** ବିଗତ 10 ବର୍ଷ ଧରି ସରକାରୀ କ୍ଷେତ୍ରରେ ପୁଞ୍ଜି ଖର୍ଚ୍ଚ ସାମଗ୍ରୀକ ଘରୋଇ ଉତ୍ପାଦ (GSDP) ର 1.5 ପ୍ରତିଶତ ଠାରୁ 2.2 ପ୍ରତିଶତ ମଧ୍ୟରେ ସୀମିତ ରହିଛି । ନିରବଚ୍ଛିନ୍ନ ଅଭିବୃଦ୍ଧି ବଜାୟ ରଖିବା ପାଇଁ ପୁଞ୍ଜି କ୍ଷେତ୍ରରେ ଅଧିକ ବ୍ୟୟ ବରାଦର ଆବଶ୍ୟକତା ରହିଛି । ଏହାକୁ ଆଖି ଆଗରେ ରଖି, ପୁଞ୍ଜି ବିନିଯୋଗ କ୍ଷେତ୍ରରେ 2013-14 ଆର୍ଥକ ବର୍ଷ ବଜେଟର ସଂଶୋଧିକ ଅଟକଳ ଠାରୁ 70 ପ୍ରତିଶତ ଅଧିକ ବ୍ୟୟବରାଦ କରାଯାଇଛି । ଏହି ଅଧିକ ବ୍ୟୟବରାଦ ଦ୍ୱାରା ପୁଞ୍ଜି ଖର୍ଚ୍ଚ ଘରୋଇ ଉତ୍ପାଦ (GSDP) ର ପ୍ରାୟ 4.19 ପ୍ରତିଶତ ଅଧିକାବୃଦ୍ଧି ପାଇବ । ଏତଦ୍‌ବ୍ୟତୀତ, ଋଣ ଏବଂ ଅଗ୍ରୀମ, ପୁଞ୍ଜି ସମ୍ପତ୍ତି ପାଇଁ ଅନୁଦାନ ଏବଂ ପୁଞ୍ଜି ସୃଷ୍ଟି ପାଇଁ ଅନ୍ୟାନ୍ୟ ବ୍ୟୟକୁ ମିଶାଇ ମୋଟ୍ 10304 କୋଟି 92 ଲକ୍ଷ ଟଙ୍କା ଅଟକଳ କରାଯାଇଛି; ଯାହା ସାମଗ୍ରିକ ଘରୋଇ ଉତ୍ପାଦର 3.16 ପ୍ରତିଶତ ଅଟେ । ପୁଞ୍ଜି ସମ୍ପତ୍ତିର ରକ୍ଷଣା ବେକ୍ଷଣ ଓ ସଂରକ୍ଷଣ ପାଇଁ ବ୍ୟୟବରାଦ 3591 କୋଟି 82 ଲକ୍ଷ ଟଙ୍କାରୁ 4130 କୋଟି 59 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି; ଯାହା ପୁର୍ବ ବର୍ଷ ତୁଳନାରେ ପ୍ରାୟ 15 ପ୍ରତିଶତ ଅଧିକ ଅଟେ । ରାଜ୍ୟ ସରକାର କ୍ରମାଗତ

ଭାବେ ପ୍ରତି ଆର୍ଥିକ ବର୍ଷରେ ଯୋଜନା ବାବଦକୁ ବ୍ୟୟ ଅଟକଳ ବଢାଇବାର ଲକ୍ଷ୍ୟ ଧାର୍ଯ୍ୟ କରୁଛନ୍ତି । ଯୋଜନା ଓ ଅଣ ଯୋଜନା ବ୍ୟୟ ଅଟକଳର ଅନୁପାତ 2006-07 ରେ 27 ପ୍ରତିଶତ ଥିବାବେଳେ 2014-15 ରେ 97 ପ୍ରତିଶତକୁ ବୃଦ୍ଧି ପାଇଛି । ଏହା ସୂଚିତ କରୁଛି ଯେ ସରକାରୀ କ୍ଷେତ୍ରରେ ଖର୍ଚ୍ଚର ଗୁଣାତ୍ମକମାନ ଏହି କିଛି ବର୍ଷ ଭିତରେ ଅସାଧାରଣ ଭାବରେ ବୃଦ୍ଧି ହୋଇଛି ।

**5.8** 2014-15 ପାଇଁ ଆକଳିତ ବ୍ୟୟବରାଦ ରାଜସ୍ୱ ପ୍ରାପ୍ତିରୁ 67146 କୋଟି 96 ଲକ୍ଷ ଟଙ୍କା ସରକାରୀ ଋଣ ଅଗ୍ରୀମ ପରିଶୋଧରୁ 240 କୋଟି 29 ଲକ୍ଷ ଟଙ୍କା ଏବଂ ଋଣ ସମେତ ଅନ୍ୟାନ୍ୟ ପ୍ରାପ୍ତିରୁ ମିଳିବାକୁ ଥିବା 12752 କୋଟି 32 ଲକ୍ଷ ଟଙ୍କାରୁ ଭରଣା କରାଯିବ । ବଳକା ରାଜସ୍ୱ 4265 କୋଟି 55 ଲକ୍ଷ ଟଙ୍କା ରହିବାର ଆକଳନ କରାଯାଇଛି ଯାହା ଘରୋଇ ଉତ୍ପାଦର 1.31 ପ୍ରତିଶତ ଅଟେ । 2014-15 ଆର୍ଥିକ ବର୍ଷରେ ରାଜ୍ୟର ନିଟ୍ ଋଣ ପରିମାଣ 8640 କୋଟି 22 ଲକ୍ଷ ଟଙ୍କାରେ ଆକଳିତ ହୋଇଛି ଯାହା ସାମଗ୍ରୀକ ଘରୋଇ ଉତ୍ପାଦ (GSDP) ର ମାତ୍ର 2.65 ପ୍ରତିଶତ ଅଟେ । ଯଦିଓ ଆର୍ଥିକ ନିଅଣ୍ଟର କିଛି ଅଂଶ ସର୍ବସାଧାରଣ ପାଣ୍ଠିର ବଳକା ଅର୍ଥରୁ ଭରଣା କରାଯିବ, ଯାହା 2.98 ପ୍ରତିଶତ ଅଟେ ।

## 6. କ୍ଷେତ୍ରୀୟ ବ୍ୟୟ ବରାଦର ମୁଖ୍ୟାଂଶ

ମୁଁ ଆନନ୍ଦର ସହିତ ଘୋଷଣା କରୁଛି ଯେ ଏହି ବଜେଟ୍ ରେ ସରକାରୀ ଦଳର ନିର୍ବାଚନ ଇସ୍ତାହାରରେ ପ୍ରକାଶ ପାଇଥିବା ପ୍ରତିଶ୍ରୁତି ଗୁଡିକର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯାଇଛି । ସମସ୍ତ ବିଭାଗ ପାଇଁ ବିଭିନ୍ନ ଉନ୍ନୟନ ମୂଳକ ଏବଂ ଜନକଲ୍ୟାଣ ଯୋଜନା ପାଇଁ ଯଥେଷ୍ଟ ଅଧିକ ବ୍ୟୟ ବରାଦ କରାଯାଇଛି । ବର୍ତ୍ତମାନ କେବଳ କିଛି ପ୍ରମୁଖ କ୍ଷେତ୍ରରେ ହୋଇଥିବା ବ୍ୟୟବରାଦ ସମ୍ପର୍କରେ ସୂଚାଇ ଦେବାକୁ ଯାଉଛି ।

## 6.1 ସାମାଜିକ ସେବା

### 6.1.1 ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

ସୁଲଭ ମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସୁରକ୍ଷା ଦେବାପାଇଁ ଆମେ ଚେଷ୍ଟା କରିଆସିଛୁ । ଲୋକଙ୍କର ନିଜ ହାତରୁ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚକୁ କମାଇବାପାଇଁ ସରକାରୀ ହାସପାତଳରେ ଔଷଧ ଓ ପଥି ଯୋଗାଇ ଦିଆଯିବା ସହ ଓଡିଶା ଚିକିତ୍ସା ସହାୟତା ପାଣ୍ଠିରୁ ଆର୍ଥିକ ସାହାଯ୍ୟ ଦିଆଯାଇଛି । ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବଜେଟ୍‌ରେ ବହୁ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ଉଭୟ ଯୋଜନା ଓ ଅଣଯୋଜନାକୁ ମିଶାଇ 3897 କୋଟି 74 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି; ଯାହା ଗତ ବର୍ଷ କରାଯାଇଥିବା ବ୍ୟୟବରାଦ ଠାରୁ 78 ପ୍ରତିଶତ ଅଧିକ ଅଟେ ।

ବର୍ତ୍ତମାନ ମୁଁ କେତେକ ମୁଖ୍ୟ ସ୍କିମର ଅର୍ଥ ବ୍ୟବସ୍ଥାକୁ ଘୋଷଣା କରୁଛି ।

- **ସାର୍ବଜନୀନ ମାଗଣା ଔଷଧ ବଣ୍ଟନ** (Universal Free Distribution of Medicine): ରାଜ୍ୟ ସରକାର ନାଗରିକ ମାନଙ୍କୁ ମାଗଣା ଔଷଧ ବଣ୍ଟନ ନିମନ୍ତେ ଓଡିଶା ରାଜ୍ୟ ସ୍ୱାସ୍ଥ୍ୟ ସେବା ନିଗମ ପ୍ରତିଷ୍ଠା କରିଛନ୍ତି । ଏହି ନିଗମ ଦ୍ୱାରା ଶସ୍ତା ଏବଂ ସୁବିଧାରେ ଔଷଧ କ୍ରୟ ଏବଂ ବଣ୍ଟନ କରାଯାଇ ପାରିବ । କର୍ପୋରେସନର ମୂଳଧନ ପାଇଁ 5 କୋଟି ଟଙ୍କା ଓ ଔଷଧ କିଣା ପାଇଁ 202.56 କୋଟି ଟଙ୍କା ପ୍ରଦାନ କରାଯାଇଛି ।

- **ଓଡିଶା ଜରୁରୀକାଳୀନ ଆମ୍ବୁଲାନ୍‌ସ ସେବା (108)** : ବହୁଦିନର ଆବଶ୍ୟକଥିବା ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଏବେ 108 ଆମ୍ବୁଲାନ୍‌ସ ଦ୍ୱାରା  ପୂରଣ ହେଲା । ଏଥି ପାଇଁ ଆମେ 46 କୋଟି 5 ଲକ୍ଷ ଟଙ୍କା  ବ୍ୟୟ ବରାଦ କରୁଛୁ ।

- **ଓଡିଶା ରାଜ୍ୟ ଚିକିତ୍ସା ପାଣ୍ଠି** : ଏହି ପାଣ୍ଠିରୁ ଗରିବ ରୋଗୀ ମାନେ ଜୀବନହାନିକାରକ ରୋଗଗ୍ରସ୍ତ ହେଲେ ଚିକିତ୍ସା ସହାୟତା ପାଇଁ 3 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯାଉଛି । ଏଥିପାଇଁ ହୋଇଥିବା ବ୍ୟୟ ବରାଦ ଦ୍ୱିଗୁଣିତ କରାଯାଇ 10 କୋଟି ଟଙ୍କାରୁ 20 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

- **ଜାତୀୟ ସ୍ୱାସ୍ଥ୍ୟ ମିଶନ** : ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ଅଂଶ ଗୁଡିକ ପାଇଁ ଆମେ 1093 କୋଟି 49 ଲକ୍ଷ ଟଙ୍କାର ଅର୍ଥ ବ୍ୟବସ୍ଥା କରୁଛୁ ; ଯେଉଁଥିରେ ରାଜ୍ୟ ଅଂଶ 273 କୋଟି 37 ଲକ୍ଷ ଟଙ୍କା ଅଟେ ।

- **ଗୃହ ନିର୍ମାଣ ପାଇଁ ବ୍ୟୟ ବରାଦ** : ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସବ ସେଣ୍ଟର ଓ ମେଡିକାଲ କଲେଜ ମାନଙ୍କର ଭିତ୍ତିଭୂମି ବିକାଶ ଏକ ଜରୁରୀ ଆବଶ୍ୟକତା । ଏଥିପାଇଁ ଆମେ ରାଜ୍ୟ ଯୋଜନା ଓ ତ୍ରୟୋଦଶ ଅର୍ଥ କମିଶନ ଅନୁଦାନକୁ ଏକତ୍ର କରି 575 କୋଟି 82 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ।

- **ଚିକିତ୍ସା ଉପକରଣ** : ଡାକ୍ତରୀ ଚିକିତ୍ସା ଉପକରଣ ସ୍ୱାସ୍ଥ୍ୟ ସେବା ଯୋଗାଣ ପାଇଁ ଅପରିହାର୍ଯ୍ୟ । ଆମେ ଗତବର୍ଷ ଏଥିପାଇଁ 16 କୋଟି 92 ଲକ୍ଷ ଟଙ୍କା ପ୍ରଦାନ କରିଥିଲା ବେଳେ ଚଳିତ ବଜେଟରେ 124 କୋଟି 5 ଲକ୍ଷ ଟଙ୍କାର ବ୍ୟୟ ବରାଦ କରୁଛୁ । ଏଥିରୁ  ନବକଳେବର

ପୂର୍ବରୁ ପୁରୀ ଜିଲ୍ଲାର ହାସପାତାଳ ମାନଙ୍କ ପାଇଁ ଚିକିତ୍ସା ଉପକରଣ କ୍ରୟ ପାଇଁ 4 କୋଟି 38 ଲକ୍ଷ ଟଙ୍କା ଉଦ୍ଦିଷ୍ଟ ।

- **ବହିଃ ସାହାଯ୍ୟ ପ୍ରାପ୍ତ ପ୍ରକଳ୍ପ** : ଯୁକ୍ତରାଜ୍ୟ ବ୍ରିଟେନର ଆର୍ନ୍ତଜାତିକ ଉନ୍ନୟନ ବିଭାଗର ଅନୁଦାନରେ ରାଜ୍ୟରେ ସାଧାରଣ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ୀକରଣ କରାଯାଉଛି । ଏଥିପାଇଁ 40 କୋଟି ଟଙ୍କା ପ୍ରଦାନ କରାଯାଇଛି ।

- **ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା** : ସ୍ୱାସ୍ଥ୍ୟସେବା ପରିଚାଳନା ସୂଚନା ବ୍ୟବସ୍ଥା ସ୍ଥାପନା ପାଇଁ 10 କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି ।

- **ମୋ ମଶାରୀ ଯୋଜନା** : 2012-13 ରେ 10 କୋଟି ଟଙ୍କା ବ୍ୟୟ ବରାଦରେ ଆରମ୍ଭ ହୋଇଥିବା ଏହି ସ୍କିମ ଦ୍ୱାରା ଆମେ ମ୍ୟାଲେରିଆ ସଂକ୍ରମଣକୁ କମାଇଦେଇ ପାରିଛେ । ଏହି ସ୍କିମର ପରିସର ମ୍ୟାଲେରିଆ ପ୍ରବଣ ଅଞ୍ଚଳକୁ ସଂପ୍ରସାରଣ କରିବାକୁ ଏହାର ଅଟକଳକୁ 70 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

- **କିଶୋରୀମାନଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ କିଟ୍ ଯୋଗାଣ** (Sanitary kits for Adolescent Girls) : ରାଜ୍ୟର 15 ଟି ଜିଲ୍ଲାରେ କିଶୋରୀମାନଙ୍କର ସ୍ୱାସ୍ଥ୍ୟରକ୍ଷାର ମାନ ଉନ୍ନତି କରିବା ପାଇଁ ସ୍ୱତନ୍ତ୍ର କିଟ୍‌ର ପ୍ରଚଳନ କରାଯିବାକୁ ରାଜ୍ୟ ଯୋଜନାରେ 14 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

- LINAC ଓ Gamma Knife **ସ୍ଥାପନ** : କର୍କଟ ରୋଗର ଆଧୁନିକ ଚିକିତ୍ସାପାଇଁ ଆଚାର୍ଯ୍ୟହରିହର ଆଞ୍ଚଳିକ କର୍କଟ ଚିକିତ୍ସା କେନ୍ଦ୍ରରେ

LINAC ଓ Gamma Knife ସ୍ଥାପନ ପାଇଁ ଯଥାକ୍ରମେ 27 କୋଟି ଓ 33 କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି ।

- **ଅସ୍ଥି ମଜ୍ଜା ପ୍ରତିରୋପଣ ଇଉନିଟ୍** : ଆପଣମାନେ ଜାଣି ଖୁସିହେବେ ଯେ ଶ୍ରୀ ରାମଚନ୍ଦ୍ରଭଞ୍ଜ ଚିକିତ୍ସା ମହାବିଦ୍ୟାଳୟରେ ଏକ ଅସ୍ଥିମଜ୍ଜା ପ୍ରତିରୋପଣ କେନ୍ଦ୍ର ସ୍ଥାପନ କରାଯିବ । ଏଥିପାଇଁ 1 କୋଟି 10 ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

**6.1.2 ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ** :

ସମସ୍ତଙ୍କର ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ଉନ୍ନତିପାଇଁ ଶିକ୍ଷା ଏକ ମୌଳିକ ଆବଶ୍ୟକତା । ଆମେ ଶିକ୍ଷାର ଗୁଣାତ୍ମକ ଉନ୍ନତିପାଇଁ ଅଙ୍ଗୀକାର ବଦ୍ଧ । ପ୍ରାଥମିକ, ମାଧ୍ୟମିକ ଶିକ୍ଷକ ତାଲିମ ଓ ଗଣଶିକ୍ଷାର ଉନ୍ନତିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବ୍ୟୟ ବରାଦ 2013-14 ମସିହାରେ ଥିବା 7142 କୋଟି 83 ଲକ୍ଷ ଟଙ୍କାରୁ 9327 କୋଟି 12 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ସବୁ ବିଭାଗ ତୁଳନାରେ ଏହି ବିଭାଗରେ ଅଧିକ ବ୍ୟୟବରାଦ କରାଯାଇଛି, ଯାହା ମୋଟ୍ ବ୍ୟୟବରାଦର ପ୍ରାୟ 12 ପ୍ରତିଶତ ଅଟେ ।

- ସର୍ବଶିକ୍ଷା ଅଭିଯାନ ପାଇଁ 1500 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯେଉଁଥିରେ ଶତକଡା 35 ଭାଗ ରାଜ୍ୟ ଅଂଶ ଓ ଶତକଡ । 65 ଭାଗ କେନ୍ଦ୍ରୀୟ ଅଂଶ ଅର୍ନ୍ତଭୁକ୍ତ ।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କୁ ମାଗଣାରେ ସାଇକେଲ ଯୋଗାଣ ଦ୍ୱାରା ସେମାନଙ୍କର ସଶକ୍ତିକରଣ ସହ ସେମାନଙ୍କୁ ବିଦ୍ୟାଳୟରେ ଅଧ୍ୟୟନରତ କରାଯାଇପାରିଛି । ଗତ ଆର୍ଥିକ ବର୍ଷରେ ଏଥିପାଇଁ

125 କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଚଳିତ ଆର୍ଥିକ ବର୍ଷରେ 140 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

- ପୁର୍ନବିନ୍ୟାସ ହୋଇଥିବା ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ, ମାଧ୍ୟମିକ ଶିକ୍ଷାର ଉପଲବ୍ଧକୁ ବଢାଇବା ଓ ଏହାର ଗୁଣାତ୍ମକମାନକୁ ଉନ୍ନତ କରିବା ପାଇଁ ଉଦ୍ଦିଷ୍ଟ । ଏହାର କେନ୍ଦ୍ର ଓ ରାଜ୍ୟଅଂଶ ପାଇଁ ମୋଟ 461 କୋଟି 36 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ।

- ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆମେ ଯେଉଁ ପ୍ରତିଶୃତି ଦେଇଥିଲୁ, ତାହାକୁ ପାଳନ କରିବାକୁ ପଛୁଆ ଓ ଜନଜାତିଅଧ୍ୟୁସିତ ଅଞ୍ଚଳ ମାନଙ୍କରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ 171 କୋଟି 80 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ଅଂଶ ଅର୍ନ୍ତଭୁକ୍ତ ।

- ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟରେ ନାମଲେଖା, ଉପସ୍ଥାନ ବୃଦ୍ଧି ସହ ଛାତ୍ରମାନଙ୍କୁ ପାଠପଢା ଚାଲୁରିଖିବାକୁ ପ୍ରୋତ୍ସାହନ ସହିତ ସେମାନଙ୍କର ପୁଷ୍ଟି ସାଧନ ନିମନ୍ତେ ସହାୟକ ହେଉଛି । ଏଥିପାଇଁ 792 କୋଟି 73 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଆମେ ସମ୍ବଲପୁରରେ ଦ୍ୱିତୀୟ ସନୈକ ସ୍କୁଲ ସ୍ଥାପନ ପାଇଁ 40 କୋଟି ଟଙ୍କାର ବ୍ୟୟ ବରାଦ କରିଛୁ ।

- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ଷେତ୍ରୀୟ କାର୍ଯ୍ୟାଳୟ ମାନଙ୍କର ପୁର୍ନଗଠନ ପରେ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀ ମାନଙ୍କର ଅପଫିସ ଗୃହ ନିର୍ମାଣ ନିମନ୍ତେ 18 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ସରକାରୀ ବିଦ୍ୟାଳୟଗୃହ ମାନଙ୍କର ମରାମତି ନିମନ୍ତେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ବଜେଟ ବ୍ୟତୀତ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବଜେଟରେ ଅତିରିକ୍ତ 20 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ଆପଣ ଜାଣି ଖୁସି ହେବେ ଯେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତିପାଇଁ ଶିକ୍ଷା ଅଧିକାର ସାବ୍ୟସ୍ତ ପାଇଁ ଓ ସର୍ବଶିକ୍ଷା ଅଭିଯାନର ନିର୍ଦ୍ଧାରିତ ମାନ ଅନୁଯାୟୀ ଶିକ୍ଷକ-ଛାତ୍ର ଅନୁପାତ ରକ୍ଷାକରିବାକୁ 10713 ଶିକ୍ଷା ସହାୟକ ମାନଙ୍କୁ ପ୍ରାଥମିକ ଶିକ୍ଷକ ଭାବରେ ନିୟମିତ ନିଯୁକ୍ତି ଦିଆଯାଇଛି ।
- ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଓ ଶିକ୍ଷା ପ୍ରଶାସନର ଦକ୍ଷତା ବୃଦ୍ଧିକରି ତାହାକୁ ଅଧିକ ଫଳପ୍ରସୁକରିବା ପାଇଁ ନୂତନ କୌଶଳର ଅବଲମ୍ବନ, ଇ-ଗଭର୍ଣ୍ଣାନ୍ସ ଓ ତାଲିମର ଆବଶ୍ୟକ । ଏଥିପାଇଁ 9 କୋଟି 35 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ବୃତ୍ତି ପ୍ରଦାନ ଦ୍ୱାରା ଛାତ୍ର ମେଧାର ଆନୁଷ୍ଠାନିକ ସ୍ୱୀକୃତି ଓ ବିଦ୍ୟାଳାଭରେ ଉତ୍କର୍ଷ ପାଇଁ ପ୍ରୋତ୍ସାହନ ମିଳେ । ଏଥିପାଇଁ ଆମେ ଗତବର୍ଷ 1 କୋଟି 29 ଲକ୍ଷ ଟଙ୍କା ବ୍ୟୟ ଅଟକଳ କରିଥିବା ବେଳେ ଚଳିତ ବଜେଟରେ 7 କୋଟି 12 ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛୁ ।

### 6.1.3 ଉଚ୍ଚ ଶିକ୍ଷା ବିଭାଗ

ବିଭିନ୍ନ ସଂସ୍ଥାରେ ଶିକ୍ଷିତ ଓ ଦକ୍ଷ ପ୍ରଦାନକାରୀ କର୍ମଚାରୀ ବର୍ଗଙ୍କର ନିୟୋଜନ ପାଇଁ ଉଚ୍ଚ ଶିକ୍ଷାର ଗୁଣାତ୍ମକ ମାନର ଅଭିବୃଦ୍ଧି ନିତାନ୍ତ ଆବଶ୍ୟକ । ଆମେ ଉଚ୍ଚ ଶିକ୍ଷା ବିଭାଗ ପାଇଁ ଉଭୟ ଅଣ ଯୋଜନା ଓ ଯୋଜନାରେ 2199 କୋଟି 41 ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛୁ ।

- ଉଚ୍ଚ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ମାନବୃଦ୍ଧି ଓ ସାମଗ୍ରୀକ ଉପସ୍ଥାନ ଅନୁପାତ ବୃଦ୍ଧି ତଥା ବିଶ୍ୱ ବିଦ୍ୟାଳୟ଼ ଏବଂ ସରକାରୀ ମହାବିଦ୍ୟାଳୟ଼ର ଭିତ୍ତିଭୂମି ଉନ୍ନୟ଼ନ ନିମନ୍ତେ ଅଧିକ ବ୍ୟୟ଼ବରାଦ କରାଯାଇଛି । ବିଶ୍ୱ ବିଦ୍ୟାଳୟ଼ ପାଇଁ 121 କୋଟି ଟଙ୍କା ବ୍ୟୟ଼ ବରାଦ ରଖାଯାଇଥିବା ବେଳେ ସରକାରୀ ମହାବିଦ୍ୟାଳୟ଼ ପାଇଁ 70 କୋଟି ଟଙ୍କା ଏବଂ ବେସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟ଼ ପାଇଁ 20 କୋଟି ଟଙ୍କା ଭିତ୍ତିଭୂମି ଉନ୍ନୟ଼ନ ନିମନ୍ତେ ବ୍ୟୟ଼ ବରାଦ କରାଯାଇଛି ।
- ଯୁକ୍ତ ଦୁଇ ପାସ୍ କରିଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ପାଇଁ ବୈଷୟ଼ିକ ଶିକ୍ଷା ନିମନ୍ତେ ଲାପ୍‌ଟପ୍ ବଣ୍ଟନ ଯୋଜନା 2013-14 ଆର୍ଥିକ ବର୍ଷରେ ପ୍ରଚଳନ କରାଯାଇଛି । ଏହି ଯୋଜନା ପାଇଁ 2014-15 ଆର୍ଥିକ ବର୍ଷରେ 30 କୋଟି ଟଙ୍କା ବ୍ୟୟ଼ବରାଦ କରାଯାଇଛି ।
- ଓଡିଶା ରାଜ୍ୟ ଯୁବନୀତି - 2013 କାର୍ଯ୍ୟକ୍ରମ ଅଧୀନରେ 4 ଲକ୍ଷ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଦୈନନ୍ଦିନ ଜୀବନରେ ଅସୁବିଧା ଏବଂ ଅତ୍ୟାଚାରର ସମ୍ମୁଖୀନ ହେଉଥିବାରୁ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ହେଉଛି ଏହାର ଉଦ୍ଦେଶ୍ୟ । ଏହି ଯୋଜନାଟି 2013-14 ଆର୍ଥିକ ବର୍ଷରେ ପ୍ରଣୟ଼ନ ହୋଇଛି । ଏଥିପାଇଁ 2014-15 ଆର୍ଥିକ ବର୍ଷରେ 6 କୋଟି ଟଙ୍କା ବ୍ୟୟ଼ବରାଦ କରାଯାଇଛି ।

- 2014-15 ଆର୍ଥିକ ବର୍ଷରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ପାଇଁ ରାଜ୍ୟ ଅଂଶ ବାବଦରେ 58 କୋଟି 40 ଲକ୍ଷ ଟଙ୍କା ବ୍ୟୟବରାଦ ସମେତ ମୋଟ 300 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବୃତ୍ତିଗତ ଶିକ୍ଷା ଯଥା - ମେଡିକାଲ, ଏମ୍.ବି.ଏ. ଏବଂ ଏମ୍.ସି.ଏ ପାଇଁ ଛାତ୍ର ବୃତ୍ତି ନିମନ୍ତେ 40 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବେସରକାରୀ ସାହାଯ୍ୟ ପ୍ରାପ୍ତ ମହାବିଦ୍ୟାଳୟମାନଙ୍କୁ ଅନୁଦାନ ପାଇଁ 1039 କୋଟି 80 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ବିଶ୍ୱ ବିଦ୍ୟାଳୟମାନଙ୍କୁ ଅନୁଦାନ ନିମନ୍ତେ 177 କୋଟି 97 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଉଚ୍ଚତର ବୈଷୟିକ ଶିକ୍ଷା ଗ୍ରହଣ କରୁଥିବା ଶିକ୍ଷା ଋଣର ସୁଧ ରିହାତି ନିମନ୍ତେ 4 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ପରୀକ୍ଷା ଖାତାର ଇ-ମୂଲ୍ୟାୟନ ବ୍ୟବସ୍ଥା ପାଇଁ ଚଳିତ ବର୍ଷ ବଜେଟ୍‌ରେ 5 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ଜାତୀୟ ସମର ଶିକ୍ଷାର୍ଥି ବାହିନୀର ଶିକ୍ଷାର୍ଥିମାନଙ୍କ ଜଳଯୋଗ ଅନୁଦାନକୁ 2 ଟଙ୍କା ରୁ 5 ଟଙ୍କାକୁ ବୃଦ୍ଧି କରାଯାଇଛି । ଏତଦ୍‌ଦ୍ୱାରା ବାର୍ଷିକ 4 କୋଟି 20 ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ପରିକଳ୍ପନା କରାଯାଇଛି ।

### 6.1.4 ପଞ୍ଚାୟତିରାଜ ବିଭାଗ

ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ଅନୁଷ୍ଠାନ ମାନଙ୍କର ସଶକ୍ତିକରଣ ପଞ୍ଚାୟତିରାଜ ବିଭାଗର ଦୁଇଟି ମୁଖ୍ୟ ଲକ୍ଷ୍ୟ । ଆମେ ଏହି ବିଭାଗ ବଜେଟରେ ଉଭୟ ଅଣ ଯୋଜନା ଓ ଯୋଜନାରେ ଗତବର୍ଷର ଅଟକଳ 3218 କୋଟି 94 ଲକ୍ଷ ଟଙ୍କାରୁ 6824 କୋଟି 22 ଲକ୍ଷ ଟଙ୍କାକୁ ବୃଦ୍ଧି କରିଛୁ; ଯାହା ଦୁଇ ଗୁଣରୁ ଅଧିକ ।

- ବାସଗୃହ ପ୍ରତ୍ୟେକ ବ୍ୟକ୍ତିର ସ୍ୱପ୍ନ ଅଟେ ଏବଂ ଆମେ ଆମ ନିର୍ବାଚନ ଇସ୍ତାହାରରେ ପ୍ରତ୍ୟେକ ବ୍ୟକ୍ତିକୁ ପକ୍କାଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲୁ । ଆମ ସରକାର ଏହି ପ୍ରତିଶ୍ରୁତି ପାଳନ ପାଇଁ ଅଙ୍ଗିକାର ବଦ୍ଧ । ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ କଚ୍ଚା ଘରକୁ ପକ୍କାଘରରେ ପରିଣତ କରାଯିବା ପାଇଁ ସହାୟତା ଯୋଗାଇ ଦିଆଯିବ । ଆମ ପ୍ରତିଶ୍ରୁତି ମୁତାବକ ବିଭିନ୍ନ ଯୋଜନାରେ 2014-15 ଆର୍ଥିକ ବର୍ଷରେ ଆମେ 2 ଲକ୍ଷ 35 ହଜାର ପକ୍କାଘର ନିର୍ମାଣ ପାଇଁ ପ୍ରସ୍ତାବ ରଖିଛୁ ।
- 2013-14 ଆର୍ଥିକ ବର୍ଷରେ "ମୋ କୁଡିଆ ଯୋଜନା" ରେ 20,000 ଗୃହ ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ 2014-15 ଆର୍ଥିକ ବର୍ଷରେ ଏହାକୁ 45,000 କୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖାଯାଇଛି । ସୁତରାଂ 2013-14 ଆର୍ଥିକ ବର୍ଷରେ 100 କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ 2014-15 ଆର୍ଥିକ ବର୍ଷରେ ଏହାକୁ 330 କୋଟି 10 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

- ଗ୍ରାମାଞ୍ଚଳରେ ଇନ୍ଦିରା ଆବାସ ଯୋଜନାରେ 1,60,610 ଘର ନିର୍ମାଣ ପାଇଁ 2014-15 ଆର୍ଥିକ ବର୍ଷରେ 1169 କୋଟି 24 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ତ୍ରୟୋଦଶ ଅର୍ଥ କମିଶନଙ୍କ ଅନୁମୋଦନ କ୍ରମେ ପଞ୍ଚାୟତି ରାଜ ସଂସ୍ଥାକୁ ଅନୁଦାନ ବାବଦରେ 870 କୋଟି 72 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଗତ ବର୍ଷ ବ୍ୟୟବରାଦ ତୁଳନାରେ ଏହା 16.42 ପ୍ରତିଶତ ଅଧିକ ଅଟେ ।
- ତୃତୀୟ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁମୋଦନ କ୍ରମେ ପଞ୍ଚାୟତିରାଜ ସଂସ୍ଥାକୁ ସହାୟତା ନିମନ୍ତେ ବଜେଟ୍‌ରେ 699 କୋଟି 27 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ରାଜ୍ୟ ଯୋଜନା ଅନ୍ତର୍ଗତ ସିମେଣ୍ଟ କଂକ୍ରିଟ୍ ରାସ୍ତା ଯୋଜନା ଗ୍ରାମାଞ୍ଚଳରେ ଉନ୍ନତ ଯୋଗାଯୋଗ ସୁବିଧା ପାଇଁ ଉଦ୍ଦିଷ୍ଟ । ଏହି ଯୋଜନାରେ ଗ୍ରାମାଞ୍ଚଳରେ 3500 କିମି ରାସ୍ତା ନିର୍ମାଣ ପାଇଁ 2014-15 ଆର୍ଥିକ ବର୍ଷ ନିମନ୍ତେ 498 କୋଟି 56 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
- ବିଶ୍ୱ ବ୍ୟାଙ୍କ ସହାୟତାରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ତୃପ୍ତି (Targeted Rural Initiative for Poverty Termination and Infrastructure) ପାଇଁ 122 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- "ଆମ ଆଦ୍‌ମୀ ବୀମା ଯୋଜନା" ରେ ଭୂମିହୀନ କୃଷି ଶ୍ରମିକଙ୍କୁ ଜୀବନ ବୀମା ପରିସରଭୁକ୍ତ କରିବାପାଇଁ 10 କୋଟି ଟଙ୍କା

ବ୍ୟୟବରାଦ କରାଯାଇଛି । ଏହି ଯୋଜନାରେ 2013-14 ଆର୍ଥିକ ବର୍ଷରେ 5 ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ 2014-15 ଆର୍ଥିକ ବର୍ଷରେ ଏଥିପାଇଁ 10 ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି ।

- "ଗୋପବନ୍ଧୁ ଗ୍ରାମୀଣ ଯୋଜନା" ପାଇଁ 225 କୋଟି ବ୍ୟୟବରାଦ କରାଯାଇଛି ।
- "ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି" ପାଇଁ 396 କୋଟି 83 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- "ରାଜୀବ ଗାନ୍ଧୀ ପଞ୍ଚାୟତି ସଶକ୍ତିକରଣ ଯୋଜନା" ପାଇଁ 2013-14 ଆର୍ଥିକ ବର୍ଷରେ 38 କୋଟି 30 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ 2014-15 ଆର୍ଥିକ ବର୍ଷରେ ଏହାକୁ 150 କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।
- "ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମ୍ୟ କର୍ମ ନିଯୁକ୍ତି ଯୋଜନା" ପାଇଁ 633 ଲକ୍ଷ 13 ହଜାର ଶ୍ରମ ଦିବସ ସୃଷ୍ଟିର ଲକ୍ଷ୍ୟ ରଖି 1834 କୋଟି 36 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- "ଜାତୀୟ ଗ୍ରାମ୍ୟ ଜୀବିକା ମିଶନ" ଅଧିନରେ 289970 ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏଥିପାଇଁ ଚଳିତ ବର୍ଷ ବଜେଟ୍‌ରେ 327 କୋଟି 82 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- 2014-15 ଆର୍ଥିକ ବର୍ଷରେ "ମିଶନ ଯୁବଶକ୍ତି" (Mission Yuva Shakti) ନାମରେ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି ଏବଂ

ଏଥିପାଇଁ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଯୋଜନା ଯୁବକମାନଙ୍କୁ କ୍ରିୟାଶୀଳ ତଥା ସେମାନଙ୍କର ସାମଗ୍ରୀକ ଉନ୍ନତି ପାଇଁ ଉଦ୍ଦିଷ୍ଟ । ଏହି ଏକାଭିମୁଖୀ ଯୋଜନା ଯୁବକମାନଙ୍କର ଅନ୍ତର୍ନିହିତ ଶକ୍ତିର ଉପଯୋଗ ଦ୍ୱାରା ଦକ୍ଷତା ବୃଦ୍ଧି ସଙ୍ଗେ ସଙ୍ଗେ ସାମାଜିକ ଓ ଆର୍ଥିକ ସଶକ୍ତିକରଣ ଜରିଆରେ ସେମାନଙ୍କ ଜୀବନର ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ଉଦ୍ଦିଷ୍ଟ ।

- "ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ରିହାତି" (Interest Subvention for Women SHGs) ନାମରେ ଏକ ନୂତନ ଯୋଜନା ପ୍ରଣୟନ କରାଯାଇଛି ଏବଂ ଉକ୍ତ ଯୋଜନା ପାଇଁ 20 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଯୋଜନା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ରିହାତି ଦରରେ ଋଣ ଯୋଗାଣ ଜରିଆରେ ସେମାନଙ୍କ ଉତ୍ପାଦିକା ଶକ୍ତିର ଅଭିବୃଦ୍ଧି ତଥା ଦାରିଦ୍ର୍ୟ ବିମୋଚନ ପାଇଁ ଉଦ୍ଦିଷ୍ଟ ।
- ବ୍ଲକ ସ୍ତରରେ ନୂତନ ଗୃହ ନିର୍ମାଣ ପାଇଁ "ଅଣ ଆବାସିକ ଗୃହ ନିର୍ମାଣ" ନାମରେ ଏକ ନୂତନ ଯୋଜନା କରାଯାଇଛି । ଏଥିନିମନ୍ତେ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବ୍ଲକରେ କର୍ମଚାରୀମାନଙ୍କ ପାଇଁ ଆବାସିକ ଗୃହ ନିର୍ମାଣ (Construction of Residential Buildings) ନାମରେ ଏକ ନୂତନ ଯୋଜନା ପାଇଁ 10 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

### 6.1.5 ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଅନୁସୂଚିତ ଜନଜାତି ଓ ଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଏହି ବିଭାଗର ବଜେଟ ରେ ଅର୍ଥ ବ୍ୟବସ୍ଥାକୁ 1954 କୋଟି 3 ଲକ୍ଷରୁ 2454 କୋଟି 30 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ଯାହା ଶତକଡା 20 ରୁ ଅଧିକ ।

- ଅଣ ଯୋଜନା କ୍ଷେତ୍ରରେ ପ୍ରାକ ମାଟ୍ରିକ୍ ବୃତ୍ତି ପାଇଁ 305 କୋଟି 48 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅନୁସୂଚିତ ଜନଜାତି ଛାତ୍ରାବାସ / ଛାତ୍ରୀ ନିବାସ ନିର୍ମାଣ ପାଇଁ ରାଜ୍ୟ ଯୋଜନାରେ 298 କୋଟି ଟଙ୍କା ବ୍ୟୟବରାଦ କରାଯାଇଅଛି ।

- ରାଜ୍ୟ ଯୋଜନାରେ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଉନ୍ନୟନ ଏବଂ କର୍ମଚାରୀମାନଙ୍କର ବାସ ଗୃହ ନିର୍ମାଣ ପାଇଁ 90 କୋଟି ଟଙ୍କା ବ୍ୟୟବରାଦ କରାଯାଇଅଛି ।

- ଅନୁସୂଚିତ ଜନଜାତି ଅଞ୍ଚଳ ଉପଯୋଜନାରେ ଅନୁସୂଚିତ ଜନଜାତି ଲୋକଙ୍କ ଆୟ ବୃଦ୍ଧି ପାଇଁ ବିଭିନ୍ନ ରୋଜଗାର ସୃଷ୍ଟିକାରୀ ଯୋଜନା ପ୍ରଚଳନ କରାଯାଇଛି । ଏଥିପାଇଁ ରାଜ୍ୟ ଯୋଜନାରେ 200 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- କେ.ବି.କେ. ଜିଲ୍ଲାରେ ସ୍ୱତନ୍ତ୍ର ଯୋଜନା ପାଇଁ 60 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଭାରତୀୟ ସମ୍ବିଧାନର 275 (1) ଧାରା ଅନୁସାରେ ଅନୁସୂଚିତ ଜନଜାତି ଉପ ଯୋଜନା ଅଞ୍ଚଳରେ ଭିତ୍ତିଭୂମି ଉନ୍ନୟନ ପାଇଁ ରାଜ୍ୟ ଯୋଜନାରେ 155 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ଏହି ବିଭାଗ ଅଧୀନରେ ଅଣ ଯୋଜନା କ୍ଷେତ୍ରରେ ସ୍କୁଲ, ଛାତ୍ରାବାସ/ ଛାତ୍ରୀନିବାସ ଓ ସରକାରୀ କର୍ମଚାରୀଙ୍କ ଗୃହର ରକ୍ଷଣାବେକ୍ଷଣ ଏବଂ ମରାମତି ପାଇଁ 55 କୋଟି 11 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅନୁସୂଚିତ ଜନଜାତି/ଜାତି ଛାତ୍ରୀଙ୍କ ମେଧାବୃତ୍ତି ନିମନ୍ତେ ଉଦ୍ଦିଷ୍ଟ ରାଜ୍ୟ ଯୋଜନାରେ ଓଡିଶା ବାଳିକା ଆର୍ଥିକ ପ୍ରୋତ୍ସାହନ ଯୋଜନା (Odisha Girls' Incentives Programme) ପାଇଁ 21 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ରାଜ୍ୟରେ ଓଡିଶା ଜନଜାତି ସଶକ୍ତିକରଣ ଓ ଜୀବିକା ଯୋଜନାର (OTELP) ରୂପାୟନ ପାଇଁ 50 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଜନଜାତି ଉପଯୋଜନା ଅଞ୍ଚଳରେ ଲଘୁ ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିମନ୍ତେ 13 କୋଟି 33 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ବିବିଧ କ୍ଷେତ୍ର ଉନ୍ନୟନ ପ୍ରକଳ୍ପ ଅଧୀନରେ ସଂଖ୍ୟାଲଘୁଙ୍କ ଉନ୍ନତି ପାଇଁ 18 କୋଟି 35 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅନୁସୂଚିତ ଜନଜାତି/ଜାତି ବିଭାଗର ଛାତ୍ରୀନିବାସର ଅନ୍ତେବାସିନୀଙ୍କ ଯତ୍ନ ଓ ତଦାରଖ ନିମନ୍ତେ 3000 ଚୁକ୍ତି ଭିତ୍ତିକ ମହିଳା ଅଧିକ୍ଷୀକା ପଦବୀ ସୃଷ୍ଟି କରାଯାଇଛି । ଏମାନଙ୍କ ପାରିତୋଷିକ ପାଇଁ 18 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ନବମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ଅନୁସୂଚିତ ଜନଜାତି/ଜାତି ଛାତ୍ରଛାତ୍ରୀଙ୍କର ସ୍କୁଲ ପୋଷାକ ନିମନ୍ତେ 5 କୋଟି 39 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

## 6.1.6 ମହିଳା ଓ ଶିଶୁ କଲ୍ୟାଣ ବିଭାଗ

ଆମେ ମହିଳା ଓ ଶିଶୁ ମାନଙ୍କର ସର୍ବାଙ୍ଗୀନ ଉନ୍ନତିପାଇଁ ଚେଷ୍ଟାରତ ଓ ଏହାସହ ମହିଳା ସଶକ୍ତିକରଣ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 4664 କୋଟି 66 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା ଗତ ବର୍ଷ ବ୍ୟୟବରାଦ ତୁଳନାରେ 39 ପ୍ରତିଶତ ଅଧିକ ଅଟେ ।

- **ସାମାଜିକ ନିରାପତ୍ତା ପେନ୍‌ସନ୍ ଯୋଜନା** : ବୃଦ୍ଧ ଓ ବୃଦ୍ଧା, ଭିନ୍ନକ୍ଷମ ଓ ବିଧବାମାନଙ୍କ ସାମାଜିକ ନିରାପତ୍ତା ଉଦ୍ଦେଶ୍ୟରେ ପେନ୍‌ସନ୍ ପ୍ରଦାନ କରାଯାଉଛି । ଏଥିପାଇଁ 2014-15 ଆର୍ଥିକ ବର୍ଷ ବଜେଟ୍‌ରେ 1144 କୋଟି 35 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
- **ମମତା** : ଗର୍ଭବତୀ ମହିଳାମାନଙ୍କୁ ଗର୍ଭାବସ୍ଥାରେ ଓ ପ୍ରସୂତୀ ପରେ ସେମାନେ ହରାଉଥିବା ମଜୁରୀର ଆଂଶିକ ଭରଣା କରିବାପାଇଁ ଏକ ସର୍ତ୍ତ ମୂଳକ ଅର୍ଥ ରାଶି ହସ୍ତାନ୍ତର ଯୋଜନା ପ୍ରଣୟନ କରାଯାଇଛି । ଏଥିପାଇଁ 2014-15 ଆର୍ଥିକ ବର୍ଷ ବଜେଟରେ 222 କୋଟି 63 ଲକ୍ଷ ଟଙ୍କା ବ୍ୟାବୟରାଦ କରାଯାଇଛି ।
- **ଅତିରିକ୍ତ ପୁଷ୍ଟି ଯୋଜନା**: ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅତିରିକ୍ତି ପୁଷ୍ଟି ଯୋଜନା ପାଇଁ 865 କୋଟି 71 ଲକ୍ଷ ଟଙ୍କା

ବ୍ୟବୟବ୍ରାଦ  କରାଯାଇଛି । ଗତବର୍ଷ ତୁଳନାରେ ଏହା 55 ପ୍ରତିଶତ ଅଧିକ ଅଟେ ।

- **ଜାତୀୟ ପରିବାର ସୁବିଧା ଯୋଜନା** : ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ମୁଖ୍ୟ ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ସେହି ପରିବାରକୁ 10 ହଜାର ଟଙ୍କାର ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ରଖାଯାଇଛି । ଏଥିପାଇଁ ରାଜ୍ୟ ଯୋଜନାରେ 51 କୋଟି 60 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଗତ ବର୍ଷର ବ୍ୟୟବରାଦ ତୁଳନାରେ ଏହା 69 ପ୍ରତିଶତ ଅଧିକ ଅଟେ ।

- **ଅଙ୍ଗନବାଡି କେନ୍ଦ୍ର ନିର୍ମାଣ**- 0 - 6 ବୟସର ଶିଶୁ, ଗର୍ଭବତୀ ମହିଳା ଓ ସ୍ତନ୍ୟଦାୟୀ ମାଆ ମାନଙ୍କ ସୁରକ୍ଷା ପାଇଁ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ନିମନ୍ତେ ରାଜ୍ୟ ଯୋଜନାରେ ଏବଂ ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ 2014-15 ଆର୍ଥିକ ବର୍ଷ ପାଇଁ 144 କୋଟି 25 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- **ବିବାହ ପାଇଁ ଆର୍ଥିକ ପ୍ରୋତ୍ସାହନ** - ଭିନ୍ନକ୍ଷମ ବ୍ୟକ୍ତିଙ୍କ ବିବାହ ପାଇଁ ସରକାର ଆର୍ଥିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏକ ନୂତନ ଯୋଜନା ପ୍ରଚଳନ  କରିଛନ୍ତି । ଏହି ଯୋଜନାରେ ଯଦି ଜଣେ ବ୍ୟକ୍ତି ଆଉ ଜଣେ ଭିନ୍ନକ୍ଷମ ବ୍ୟକ୍ତିକୁ ବିବାହ କରେ ତେବେ ସେ 50,000 ଟଙ୍କା ଆର୍ଥିକ ପ୍ରୋତ୍ସାହନ  ପାଇବ । 2014-15 ଆର୍ଥିକ ବର୍ଷ ପାଇଁ ଏଥିନିମନ୍ତେ 2 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- **ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ପୋଷାକ ପ୍ରଦାନ** : ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧୀନରେ ଥିବା 51 ଗୋଟି

ଅନୁଦାନ ପ୍ରାପ୍ତ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ବାର୍ଷିକ ଦୁଇ ହଳ ସ୍କୁଲ ପୋଷାକ ମାଗଣାରେ ଯୋଗାଇ ଦେବାପାଇଁ 2014-15 ଆର୍ଥିକ ବର୍ଷରେ 17 ଲକ୍ଷ 93 ହଜାର ଟଙ୍କା ବ୍ୟୟବରାଦ କରାଯାଇଛି ।

## 6.1.7 ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ

ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଓ ସେମାନଙ୍କର ସଶକ୍ତିକରଣ ଆମ କାର୍ଯ୍ୟକ୍ରମର ଏକ ବିଶେଷ ଅଂଶ । ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ 144 କୋଟି 70 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଅଣ ଯୋଜନା କ୍ଷେତ୍ରରେ 49 କୋଟି 3 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଯୋଜନା କ୍ଷେତ୍ରରେ 95 କୋଟି 67 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ନିମନ୍ତେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ ହେଉଛି । ଏଥିପାଇଁ ବଜେଟ୍‌ରେ 85 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ରାଜ୍ୟବାହାରେ ଥିବା ନିର୍ଯ୍ୟାତିତ ଶ୍ରମିକମାନଙ୍କ ଉଦ୍ଧାର ପାଇଁ 5 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

## 6.1.8 ନିଯୁକ୍ତି ଏବଂ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ

କୌଶଳ ବୃଦ୍ଧି ନିମନ୍ତେ ତାଲିମ ପ୍ରଦାନ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାପାଇଁ ଆମର ରାଜ୍ୟ ନିଯୁକ୍ତି ମିଶନ ପ୍ରତିଷ୍ଠା କରାଯାଇଛି । ଆମେ ମଧ୍ୟ ବୈଷୟିକ ଶିକ୍ଷାର ଉନ୍ନତିକରି କୌଶଳ ସମ୍ପନ୍ନ ମାନବ ସମ୍ବଳ ସୃଷ୍ଟି କରି ଶିଳ୍ପ ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ସମ୍ଭବ ହେବ ବୋଲି ହୃଦୟଙ୍ଗମ କରିଛୁ । ଏହି ବିଭାଗ ବଜେଟ୍‌ରେ ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ ଗତ ବର୍ଷ 455 କୋଟି 86 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଚଳିତ ବର୍ଷ ପାଇଁ 512 କୋଟି 47 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ରାଜ୍ୟରେ ବୈଷୟିକ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ପାଇଁ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଅଧୀନରେ 5ଟି ନୂଆ ଯୋଜନା ପ୍ରଣୟନ କରାଯାଇଛି ।
    - o ବୈଷୟିକ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି କାର୍ଯ୍ୟକ୍ରମ (TEQUIP-II) ପାଇଁ 12 କୋଟି 20 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
    - o ନୂଆ ପଲିଟେକ୍‌ନିକ ସ୍ଥାପନ ପାଇଁ 109 କୋଟି 13 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
    - o ବର୍ତ୍ତମାନ ଚାଲୁଥିବା ପଲିଟେକ୍‌ନିକର ଉନ୍ନତି ପାଇଁ 20 କୋଟି 70 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।
    - o ଛାତ୍ରୀ ନିବାସ ନିର୍ମାଣ ପାଇଁ 2 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଏବଂ
    - o ପଲିଟେକ୍‌ନିକ ମାଧ୍ୟମରେ ଗୋଷ୍ଠି ଉନ୍ନୟନ କାର୍ଯ୍ୟକ୍ରମ ପାଇଁ 96 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

**କାରିଗର ପ୍ରଶିକ୍ଷଣ:-** ପ୍ରଚଳିତ ଏବଂ ନୂତନ ଆଇଟିଆଇ ଓ କୌଶଳ ଉନ୍ନୟନ କେନ୍ଦ୍ର ରେ ପୁଞ୍ଜି ଖର୍ଚ୍ଚ ପାଇଁ 92 କୋଟି 90 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରଚଳିତ ଆଇ.ଟି.ଆଇ. ର ଉନ୍ନତି କରଣ କରାଯାଇ ଏହାକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ, ସେଣ୍ଟ୍ରାଲ ଟୁଲ୍ ରୁମ୍ ଓ ଟ୍ରେନିଙ୍ଗ ସେଣ୍ଟର ଦ୍ୱାରା ଭୁବନେଶ୍ୱରରେ ପ୍ରଶିକ୍ଷକଙ୍କ ପାଇଁ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା, ବାଲେଶ୍ୱର ଠାରେ ଥିବା ସିପେଟ୍ ଦ୍ୱାରା ଦକ୍ଷତା ଉନ୍ନୟନ କେନ୍ଦ୍ର ସ୍ଥାପନ ଏବଂ ରାଜ୍ୟରେ ଆଇ.ଟି.ଆଇ. ର ଭିତ୍ତିଭୂମି ଉନ୍ନୟନ କରାଯିବ ।

## 6.2 ଆର୍ଥିକ ସେବା

### 6.2.1 ଜଙ୍ଗଲ ଓ ପରିବେଶ ବିଭାଗ

ରାଜ୍ୟ ଯୋଜନା କ୍ଷେତ୍ରରେ ଅଟକଳର 308 କୋଟି 18 ଲକ୍ଷ ଟଙ୍କା ସମେତ 2014-15 ଆର୍ଥିକ ବର୍ଷରେ 716 କୋଟି 1 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ବହିଃ ସାହାଯ୍ୟପ୍ରାପ୍ତ ଓଡ଼ିଶା ଜଙ୍ଗଲ ଉନ୍ନୟନ ପ୍ରର୍କି ଜରିଆରେ ଜଙ୍ଗଲ ବାହାରେ ବନୀକରଣ ଏବଂ ବୃକ୍ଷ ରୋପଣ ପାଇଁ ମଞ୍ଜି ବଣ୍ଟନ ପାଇଁ 105 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ସବୁଜ ଓଡ଼ିଶା ମିଶନ 2013-14 ଆର୍ଥିକ ବର୍ଷରୁ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାରେ ସବୁ ବନୀକରଣ କାର୍ଯ୍ୟକ୍ରମକୁ ଏକତ୍ର

କରି 44 କୋଟି 52 ଲକ୍ଷ ଟଙ୍କା ବ୍ୟୟରେ 2013-17 ମଧ୍ୟରେ ମଞ୍ଜି ବିତରଣ କରାଯାଇ ଚାରା ରୋପଣ କରାଯିବ । 2013-14 ଆର୍ଥିକ ବର୍ଷରେ 7 କୋଟି 8 ଲକ୍ଷ ଟଙ୍କା ବ୍ୟୟରେ ମଞ୍ଜି ବିତରଣ କରାଯାଇ ଚାରା ରୋପଣ କରାଯାଇଥିବା ବେଳେ 2014-15 ଆର୍ଥିକ ବର୍ଷରେ 12 କୋଟି 5 ଲକ୍ଷ ଟଙ୍କା ବ୍ୟୟରେ ମଞ୍ଜି ବିତରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥି ପାଇଁ ରାଜ୍ୟ ଯୋଜନାରେ 94 କୋଟି 45 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ରାଜ୍ୟରେ ହସ୍ତୀ ଅଳିନ୍ଦର ଉନ୍ନୟନ ଓ ପରିଚାଳନା ପାଇଁ 2014-15 ଆର୍ଥିକ ବର୍ଷ ବଜେଟ୍‌ରେ 5 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ଜନମଙ୍ଗଳ କାର୍ଯ୍ୟକ୍ରମ ଅନ୍ତର୍ଗତ କେନ୍ଦୁପତ୍ରରେ ଜଙ୍ଗଲ ଉନ୍ନୟନ ଟିକସ 16 ପ୍ରତିଶତରୁ 2 ପ୍ରତିଶତକୁ ହ୍ରାସ କରାଯାଇଛି । ଏହା ଦ୍ୱାରା ରାଜ୍ୟ ସରକାର ବାର୍ଷିକ ପ୍ରାୟ 60 କୋଟି ଟଙ୍କାର ଟିକସ ରାଜସ୍ୱ ହରାଇବେ । ଏହି ସୁବିଧା କେନ୍ଦୁ ପତ୍ର ତୋଳାଳିଙ୍କ ନିକଟକୁ ଯିବ ।

## 6.2.2 ଖଣି ବିଭାଗ

ଏହି ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ 17 କୋଟି 44 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

## 6.2.3 ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ

ଏହି ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ 95 କୋଟି 84 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- Venture Capital Fund ପାଇଁ ପ୍ରାରମ୍ଭିକ ପୁଞ୍ଜି ହିସାବରେ 1 କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହା ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ ।

### 6.2.4 ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ 145 କୋଟି 43 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ରାଜ୍ୟରେ ଥିବା ହସ୍ତତନ୍ତ ବୁଣାକାର, ଟସର ଚାଷୀ ଓ ହସ୍ତଶିଳ୍ପ କାରିଗର ମାନଙ୍କର ସାମାଜିକ ବିକାଶ, ଆର୍ଥିକ ପ୍ରଗତି ତଥା ବ୍ୟାପକ ନିଯୁକ୍ତି ଏହି ବିଭାଗର ମୁଖ୍ୟ ଉଦ୍ଦେଶ୍ୟ ।

- କୃଷିପରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ହସ୍ତତନ୍ତ ଓ ଟସର ଶିଳ୍ପ କ୍ଷେତ୍ର ରାଜ୍ୟର ଦ୍ୱିତୀୟ ସର୍ବ ବୃହତ କ୍ଷେତ୍ର । ରାଜ୍ୟର ପ୍ରାୟ 1,00,000 ହସ୍ତତନ୍ତ ବୁଣାକାର ଏବଂ 35,300 ଟସର ଚାଷୀ ଏବଂ 10,000 ହସ୍ତତନ୍ତ କାରିଗରଙ୍କୁ ବିଭିନ୍ନ ଯୋଜନାରେ ପ୍ରଶିକ୍ଷଣ ଏବଂ ବଜାର ସହାୟତା (Market Support) ଦ୍ୱାରା ସେମାନଙ୍କୁ ଆତ୍ମ ନିଯୁକ୍ତି ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

- ସାମାଜିକ କ୍ଷେତ୍ରରେ ବୁଣାକାର କାରିଗର ଏବଂ ଟସର ଉତ୍ପାଦନକାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଛି । ଏହି ପ୍ୟାକେଜ୍ ସେମାନଙ୍କର ସାମାଜିକ-ଆର୍ଥିକ ଅବସ୍ଥାରେ ଆଖିଦୃଶିଆ ଉନ୍ନତି ପାଇଁ ଉଦ୍ଦିଷ୍ଟ । ଚଳିତ ବର୍ଷ 40,000 ବୁଣାକାର, 13,000 ଟସର ଚାଷୀ ଏବଂ 2,000 ହସ୍ତଶିଳ୍ପ କାରିଗରଙ୍କୁ ବୀମା ପରିସର ଭୁକ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । 10000 ହସ୍ତତନ୍ତ ବୁଣାକାର ଏବଂ 10000 ହସ୍ତଶିଳ୍ପ କାରିଗରଙ୍କ

ପରିବାରକୁ ସୌରରଶ୍ମି ଚାଳିତ ଲଣ୍ଠନ ଯୋଗାଇ ଦିଆଯିବ । 5 ଗୋଟି ହସ୍ତତନ୍ତ ପୁଞ୍ଜ (Handloom Cluster) ଏବଂ 2 ଗୋଟି ହସ୍ତଶିଳ୍ପ ପୁଞ୍ଜ (Handicraft Cluster) ର ଉନ୍ନୟନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏତଦ୍‌ବ୍ୟତୀତ 570 ହସ୍ତତନ୍ତ ବୁଣାକାର ଏବଂ ହସ୍ତଶିଳ୍ପ କାରିଗର ପରିବାରକୁ ଅଗ୍ନି ନିରୋଧକ କାର୍ଯ୍ୟଶାଳା (Fire Proof Workshed) ଯୋଗାଇ ଦେବାପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏ ସମସ୍ତ କାର୍ଯ୍ୟକ୍ରମ ପାଇଁ 2014-15 ଆର୍ଥିକ ବର୍ଷ ବଜେଟ୍‌ରେ 82 କୋଟି 80 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଓଡିଶା ଏହାର ହସ୍ତଶିଳ୍ପ କାର୍ଯ୍ୟ ପାଇଁ ପ୍ରସିଦ୍ଧ ଏବଂ ଏହା ଆମର କଳା ଓ ସଂସ୍କୃତି ସହିତ ଅଙ୍ଗାଙ୍ଗି ଭାବେ ଜଡିତ । ଭୁବନେଶ୍ୱର ଠାରେ ଥିବା ହସ୍ତତନ୍ତ ଓ ହସ୍ତଶିଳ୍ପ ସଂଗ୍ରହାଳୟକୁ ଜାତୀୟ ଓ ଆର୍ନ୍ତଜାତୀୟ ସ୍ତରୀୟ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାପାଇଁ ଏକ ହସ୍ତତନ୍ତ ଓ ହସ୍ତଶିଳ୍ପ ସଂଗ୍ରହାଳୟ ନିର୍ମାଣର ପ୍ରସ୍ତାବ ଅଛି । ବରଗଡ ଠାରେ ସମ୍ବଲପୁରୀ ଏକ୍ତା ହସ୍ତତନ୍ତ ପାର୍କ ପ୍ରତିଷ୍ଠା କରାଯିବ । ଏହି କ୍ଷେତ୍ର ପାଇଁ 2014-15 ଆର୍ଥିକ ବର୍ଷରେ 16 କୋଟି 15 ଲକ୍ଷ ଟଙ୍କା ବ୍ୟୟବରାଦର କରାଯାଇଛି ।

### 6.2.5 ବିଜ୍ଞାନ ଓ କାରିଗରୀ ବିଭାଗ

ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ 63 କୋଟି 78 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟରେ ଜୈବ ପ୍ରଯୁକ୍ତି ବିଦ୍ୟା ପରୀକ୍ଷାଗାରର ଉନ୍ନତି ପାଇଁ 2 କୋଟି 86 ଲକ୍ଷ ଟଙ୍କା ବ୍ୟୟ ବରାଦ

କରାଯାଇଛି । ଏହାଦ୍ୱାରା ଗବେଷକ ଓ ଛାତ୍ରଛାତ୍ରୀ ମାନେ ଉପକୃତ ହେବେ ।

- 2013-14 ଆର୍ଥିକ ବର୍ଷରେ ଓରେଡାକୁ ଦ୍ୱାରା ଏକ ସବୁଜ ସୌଧ (Green Building) ନିର୍ମାଣ ନିମନ୍ତେ 1 କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା । ଚଳିତ ବର୍ଷ ଏଥିପାଇଁ 3 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।
- ଦୁର୍ଗମ ଅଞ୍ଚଳରେ ବିଜୁଳି ନଥିବା ଗାଁ ରେ ସୌର ଫଟୋ - ଭୋଲଟାଇକ୍ (Solar Photo-Voltaic) ବ୍ୟବସ୍ଥା ପାଇଁ 2014-15 ଆର୍ଥିକ ବର୍ଷରେ 10 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।
- ଉନ୍ନତମାନର ଚୁଲା ପ୍ରଦର୍ଶନ ପାଇଁ 2014-15 ଆର୍ଥିକ ବର୍ଷରେ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## 6.3 ସୂଚନା ପ୍ରଯୁକ୍ତି ବିଦ୍ୟା

ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପାଇଁ 138 କୋଟି 19 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ସମାନ୍ତରାଳ ସଂଯୋଗୀକରଣ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ଭିତ୍ତିଭୂମି ପାଇଁ 30 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଜାତୀୟ ଇ-ଗର୍ଭନାନସ୍ କାର୍ଯ୍ୟକ୍ରମ ଅନୁସାରେ ଇ-ଗର୍ଭନାନସ୍‌ର କାର୍ଯ୍ୟାନ୍ୱୟନ ପାଇଁ 21 କୋଟି 92 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଆଇ.ଆଇ.ଆଇ.ଟି, ଭୁବନେଶ୍ୱରର ଭିତ୍ତିଭୂମି ଉନ୍ନୟନ ପାଇଁ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସୂଚନା ପ୍ରଯୁକ୍ତି ବିଦ୍ୟା ନୀତି ଅଧିନରେ ଆର୍ଥିକ ପ୍ରୋତ୍ସାହନ ପାଇଁ 2 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ରାଜ୍ୟ ତଥ୍ୟ କେନ୍ଦ୍ରର ଭିତ୍ତିଭୂମି ନିମନ୍ତେ 5 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## 6.3.1 ଯୋଜନା ଓ ସମନ୍ୱୟ ବିଭାଗ

ଯୋଜନା ସମନ୍ୱୟ ବିଭାଗରେ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ମୋଟ 1377 କୋଟି 54 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ପଶ୍ଚିମ ଓଡିଶା ବିକାଶ ପରିଷଦ ସ୍ୱତନ୍ତ୍ର ପ୍ରର୍କି ପାଇଁ ସ୍ୱତନ୍ତ୍ର ଅନୁଦାନ ନିମନ୍ତେ 50 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- 2014-15 ଆର୍ଥିକ ବର୍ଷ ବଜେଟ୍‌ରେ କେ.ବି.କେ ପରି ଅତି ଅନୁନ୍ନତ ଅଞ୍ଚଳର ବିକାଶ ପାଇଁ ବିଜୁ କେ.ବି.କେ ଯୋଜନା ନିମନ୍ତେ 120 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବିଜୁ କନ୍ଧମାଳ ଓ ଗଜପତି ଯୋଜନାକୁ ଚାଲୁ ରଖିବା ପାଇଁ 2014-15 ଆର୍ଥିକ ବର୍ଷରେ 28 କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ନକ୍ସଲ ପ୍ରବଣ ଜିଲ୍ଲାରେ ଅତିରିକ୍ତ କେନ୍ଦ୍ରୀୟ ସହାୟତା ପାଇଁ 540 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ସ୍ୱତନ୍ତ୍ର ସମସ୍ୟା ପାଣ୍ଠି ପାଇଁ 40 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଜିଲ୍ଲା ଯୋଜନା କଳ (Dist. Planning Machinery) ନିମନ୍ତେ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ବିଭିନ୍ନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ପ୍ରକ୍ରିୟାର ନକ୍ସା ପ୍ରସ୍ତୁତି ପାଇଁ ନୂତନ ଭାବେ "ଅଭିନବୀକରଣ"(Innovation) ନାମକ ଏକ ଯୋଜନା ହାତକୁ ନିଆଯାଇଛି ଏବଂ ଏଥିପାଇଁ ବଜେଟ୍‌ରେ 7 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.3.2 ଖାଦ୍ୟ ଯୋଗାଣ ଓ ଖାଉଟି ସୁରକ୍ଷା ବିଭାଗ

ଏହି ବିଭାଗର ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 1406 କୋଟି 14 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ସମାଜର ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବାପାଇଁ କିଲୋ ପିଛା 2 ଟଙ୍କା ହାରରେ ଚାଉଳ ଯୋଗାଇ ଦିଆଯାଉଥିଲା; ପରବର୍ତ୍ତୀ ସମୟରେ କିଲୋ ପିଛା 1 ଟଙ୍କା ହାରରେ ଚାଉଳ ତା.01.02.2013 ରିଖ ଠାରୁ ଯୋଗାଇ ଦିଆଯାଉଛି ଏବଂ ଏଥିପାଇଁ 2013-14 ଆର୍ଥିକ ବର୍ଷ ବଜେଟରେ 1312 କୋଟି 5 ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବାବେଳେ 2014-15 ଆର୍ଥିକ ବର୍ଷ ବଜେଟ୍‌ରେ 1327 କୋଟି 16 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ 60 ପ୍ରତିଶତ ଓ ତଦୁର୍ଦ୍ଧ ଭିନ୍ନକ୍ଷମ 2 ଲକ୍ଷ

ବ୍ୟକ୍ତି ବିଶେଷଙ୍କ ପାଇଁ ଅତିରିକ୍ତ 14 କୋଟି 87 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅନ୍ନପୂର୍ଣ୍ଣା ଯୋଜନାର ରୂପାୟନ ପାଇଁ ଓଡିଶା ରାଜ୍ୟ ସାଧାରଣ ଯୋଗାଣ ନିଗମ କୁ ସରକାରୀ ସହାୟତା ବାବଦରେ 5 କୋଟି 20 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ଜାଲ ପଡିକାର୍ଡ ବ୍ୟବହାରକୁ ରୋକିବାପାଇଁ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଉପଭୋକ୍ତାଙ୍କୁ ସଠିକ୍ ପଡିକାର୍ଡ ପ୍ରଦାନ ଉଦ୍ଦେଶ୍ୟରେ 10 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ପ୍ରଚଳିତ ସାଧାରଣ ବଣ୍ଟନ ବ୍ୟବସ୍ଥା ପାଇଁ ପୁଞ୍ଜି ସମ୍ପତ୍ତି ନିର୍ମାଣ (ମାଲ୍ ଗୋଦାମ ନିମନ୍ତେ) 6 କୋଟି 20 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

### 6.3.4 ପରିବହନ ବିଭାଗ

ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନାରେ 251 କୋଟି 56 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

- ସହଭାଗିତାରେ ନିର୍ମାଣ ହେବାକୁ ଥିବା କେତୋଟି ବାଣିଜ୍ୟିକ ଦୃଷ୍ଟିରୁ ଲାଭଜନକ ରେଳ ପ୍ରକଳ୍ପର ଉନ୍ନତିକରଣ ପାଇଁ 2014-15 ଆର୍ଥିକ ବର୍ଷରେ 100 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ପରିବହନ ବିଭାଗ, ପରିବହନ କମିଶନର, ରାଜ୍ୟ ପରିବହନ କର୍ତ୍ତୃପକ୍ଷ ତଥା ଆଞ୍ଚଳିକ ପରିବହନ ଅଧିକାରୀ କାର୍ଯ୍ୟାଳୟ ଏବଂ

ଜିଲ୍ଲା ପରିବହନ ସେବାର ଆଧୁନିକୀକରଣ ପାଇଁ 14 କୋଟି 50 ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ରାଜ୍ୟରେ ରେଳବାଇ ପ୍ରକଳ୍ପର ମାଷ୍ଟର ପ୍ଲାନ ପ୍ରସ୍ତୁତି ନିମନ୍ତେ 3 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ମୋଟରଯାନ ପ୍ରଶିକ୍ଷଣ ବିଦ୍ୟାଳୟ ନିର୍ମାଣ ନିମନ୍ତେ 2 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ପରିବହନ ବିଭାଗର ପ୍ରବର୍ତ୍ତନ ସଂସ୍ଥା ପାଇଁ 1 କୋଟି 80 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ନୂତନ ବସ୍ କ୍ରୟ ଲାଗି ଓଡିଶା ରାଜ୍ୟ ସଡକ ପରିବହନ ନିଗମରେ ପୁଞ୍ଜି ଅଂଶ ବିନିଯୋଗ ନିମନ୍ତେ 5 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।
- ଦୁର୍ଗମ ଜନଜାତି ଅଞ୍ଚଳରେ ଗମନାଗମନର ଉନ୍ନତି ପାଇଁ "ବିଜୁ ଗାଁ ଗାଡି ଯୋଜନା" ନାମରେ ଏକ ନୂତନ ଯୋଜନା ପ୍ରଚଳନ ପାଇଁ ପ୍ରସ୍ତାବ ରଖାଯାଇଛି । ଏହି ଯୋଜନାରେ ଉଦ୍ୟୋଗକାରୀଙ୍କୁ ସୁଧ ରିହାତି ଓ ରାସ୍ତା ଟିକସ ଏବଂ ପରିମିଟ୍ ଫିସ୍ ଛାଡ କରାଯିବାର ବ୍ୟବସ୍ଥା ଅଛି । ଏହି ଯୋଜନାରେ 1000 ଟି ଛୋଟ ପରିବହନ ଯାନ ଗ୍ରାମାଞ୍ଚଳରେ ଥିବା ଜନଜାତି ଅଞ୍ଚଳରେ ଯାତାୟତ କରିବ । ଏହି ନୂତନ ଯୋଜନାର ପାଇଁ 8 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଦୁର୍ଗମ ଅଞ୍ଚଳରେ ପରିବହନ ବ୍ୟବସ୍ଥାର ଉନ୍ନତି ସହ ଗ୍ରାମାଞ୍ଚଳର ଅନ୍ତତଃ 1000 ଗ୍ରାମ୍ୟ ଉଦ୍ୟୋଗୀଙ୍କୁ ନିଯୁକ୍ତି ସୁବିଧା ମିଳିବ ।

### 6.3.5 ବାଣିଜ୍ୟ ବିଭାଗ

ବାଣିଜ୍ୟ ବିଭାଗର ଉଭୟ୍ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 77 କୋଟି 33 ଲକ୍ଷ ଟଙ୍କା ବ୍ୟୟ୍ ବରାଦ କରାଯାଇଛି ।

- ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟ୍ନ ପାଣ୍ଠି ଅଧୀନରେ ପୂର୍ତ୍ତ କାର୍ଯ୍ୟ ପାଇଁ 9 କୋଟି ଟଙ୍କା ବ୍ୟୟ୍ ବରାଦ କରାଯାଇଛି ।
- ଆନ୍ତଃ ଦେଶୀୟ୍ ଜଳ ପରିବହନ ପାଇଁ ଜଳପଥର ହାଇଡ୍ରୋଗ୍ରାପଫିକ୍ ସର୍ଭେ ଏବଂ ଅନୁସନ୍ଧାନ ପାଇଁ 1 କୋଟି 18 ଲକ୍ଷ ଟଙ୍କା ବ୍ୟୟ୍ବରାଦ କରାଯାଇଛି ।
- ସରକାରୀ ଛାପାଖାନାରେ ଆଧୁନିକ ମୁଦ୍ରଣ ଯନ୍ତ୍ର ଓ ସରଞ୍ଜାମ କ୍ରୟ୍ ନିମନ୍ତେ 6 କୋଟି 50 ଲକ୍ଷ ଟଙ୍କା ବ୍ୟୟ୍ବରାଦ କରାଯାଇଛି ।

## 6.3 ଭିତ୍ତିଭୂମି ଉନ୍ନୟ୍ନ

### 6.3.1 ପୂର୍ତ୍ତ ବିଭାଗ

- 2013-14 ଆର୍ଥିକ ବର୍ଷରେ ଉଭୟ୍ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 2531କୋଟି 68 ଲକ୍ଷ ଟଙ୍କା ବ୍ୟୟ୍ବରାଦ କରାଯାଇ ଥିବାବେଳେ 2014-15 ଆର୍ଥିକ ବର୍ଷରେ ଏହାକୁ 3736 କୋଟି 42 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିରେ ରାଜ୍ୟ ଯୋଜନା ପାଇଁ 2223 କୋଟି 52 ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ । 2014-15 ଆର୍ଥିକ ବର୍ଷରେ 948 କି.ମି. ରାସ୍ତାର ଉନ୍ନତିକରଣ ଓ 15 ଟି ସେତୁ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

- ରାଜ୍ୟ ଯୋଜନାରେ ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ 800 କୋଟି ଟଙ୍କା, କେନ୍ଦ୍ରୀୟ ସଡକ ପାଣ୍ଠି ଅଧୀନରେ 103 କୋଟି ଟଙ୍କା, ବହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ଅଧୀନରେ 189 କୋଟି ଟଙ୍କା, ଏକକାଳୀନ ଅତିରିକ୍ତ କେନ୍ଦ୍ରୀୟ ସହାୟତା ଅଧୀନ ରେ 80 କୋଟି ଟଙ୍କା ଏବଂ କେ.ବି.କେ ଜିଲ୍ଲା ପାଇଁ ସ୍ୱତନ୍ତ୍ର କ୍ଷେତ୍ର କାର୍ଯ୍ୟକ୍ରମ (Special Area Programme) ନିମନ୍ତେ 50 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- "ରାଜ୍ୟ ରାଜପଥ ଉନ୍ନତି ପ୍ରକଳ୍ପ" (State Highway Development Project) ଅଧୀନରେ 2014-15 ଆର୍ଥିକ ବର୍ଷ ନିମନ୍ତେ 1124.44 କିମି ରାଜ୍ୟ ରାଜପଥକୁ ଦୋହରିକରଣ କରିବା ପାଇଁ 220 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ନଗରାଞ୍ଚଳରେ ପୂର୍ତ୍ତ ରାସ୍ତାର ଉନ୍ନତିକରଣ ପାଇଁ 52 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ସରକାରୀ-ବେସରକାରୀ ଭାଗିଦାରୀ ଉଦ୍ୟୋଗରେ ରାସ୍ତା ପ୍ରକଳ୍ପ ପାଇଁ 30 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ରାଜଧାନୀ ରାସ୍ତା ଉନ୍ନୟନ ଯୋଜନା ପାଇଁ 21 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ ପାଇଁ ଅଣଯୋଜନା କ୍ଷେତ୍ରରେ 856 କୋଟି 69 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ଅଣ ଯୋଜନା କ୍ଷେତ୍ରରେ ଅଣ ଆବାସିକ ଗୃହର ରକ୍ଷଣାବେକ୍ଷଣ ପାଇଁ 318 କୋଟି 98 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥି ମଧ୍ୟରୁ 30 କୋଟି ଟଙ୍କା ଅନ୍ତତଃ ପକ୍ଷେ 30 ବର୍ଷର ପୁରୁଣା ସରକାରୀ

ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୃହର ନବୀକରଣ ଓ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ।

## 6.3.2 ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଇଁ 2013-14 ଆର୍ଥିକ ବର୍ଷରେ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 2385 କୋଟି 46 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ 2014-15 ଆର୍ଥିକ ବର୍ଷରେ ଏହାକୁ 3031 କୋଟି 65 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିମଧ୍ୟରେ ରାଜ୍ୟ ଯୋଜନା ପାଇଁ 1796 କୋଟି 32 ଲକ୍ଷ ଟଙ୍କା ବ୍ୟୟ ବରାଦ ଅନ୍ତର୍ଭୁକ୍ତ ।

- ପାନୀୟ ଜଳ ଯୋଗାଇ ଦିଆଯାଇନଥିବା ବା ଆଂଶିକ ଭାବେ ଯୋଗାଇ ଦିଆଯାଇଥିବା ନଗରାଞ୍ଚଳ ୱାର୍ଡରେ ଜଳ ଯୋଗାଣ ପାଇଁ 186 କୋଟି 55 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ନଗରାଞ୍ଚଳ ଆବର୍ଜନା ନିର୍ଗମ ଓ ପରିମଳ ବ୍ୟବସ୍ଥା ପାଇଁ 590 କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିରେ ରାଉରକେଲା ଓ ସମ୍ବଲପୁର ସହରରେ ଆବର୍ଜନା ନିର୍ଗମ ବ୍ୟବସ୍ଥାର ଉନ୍ନତି ପାଇଁ 25 କୋଟି ଟଙ୍କା ହାରରେ ବ୍ୟୟ ବରାଦ କରାଯାଇଛି ।
- ଜବାହାରଲାଲ ନେହେରୁ ନଗରାଞ୍ଚଳ ନବୀକରଣ ଯୋଜନା (JNNURM) ଏବଂ UIDSSMT ପ୍ରକଳ୍ପ ପାଇଁ 411 କୋଟି 79 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏତଦ୍‌ବ୍ୟତୀତ ସମନ୍ୱିତ ଗୃହ ନିର୍ମାଣ ବସ୍ତି ଉନ୍ନୟନ ପ୍ରକଳ୍ପ (IHSDP) ରେ ଚାଲୁରହିଥିବା

କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରିବାପାଇଁ ଏବଂ ରାଜୀବ ଆବାସ ଯୋଜନା ଅଧୀନରେ ଚାଲୁରହିଥିବା ଓ ନୂଆ ପ୍ରକଳ୍ପପାଇଁ 143 କୋଟି 21 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ନଗରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥାକୁ ସିମେଣ୍ଟ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ଆର୍ଥିକ ସହାୟତା ନିମନ୍ତେ 20 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

- ସେହିପରି ଜବାହାରଲାଲ ନେହେରୁ ନଗରାଞ୍ଚଳ ନବୀକରଣ ଯୋଜନା (JNNURM) ବ୍ୟତୀତ ସହରରେ ବସ ସେବା ଯୋଗାଇଦେବାପାଇଁ 11 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଏବଂ ନଗରାଞ୍ଚଳ ଗଭର୍ନାନ୍ସର ଉନ୍ନତିପାଇଁ ଦକ୍ଷତାବୃଦ୍ଧି (Capacity Development) ନିମନ୍ତେ 12 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏତଦ୍‌ବ୍ୟତୀତ ନଗରାଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥାରେ ମିଟର ପ୍ରଚଳନ ପାଇଁ 27 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ବହିଃ ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ଅଧୀନରେ ଓଡିଶା ନଗରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି (OUIDF) ପାଇଁ 75 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ବର୍ଯ୍ୟବସ୍ତୁ ପରିଚାଳନା, ବସ୍ତି ପୁନଃଥଇଥାନ, ଜଳ ଯୋଗାଣ ଏବଂ ସ୍ୱଳ୍ପ ମୂଲ୍ୟରେ ଗୃହ ନିର୍ମାଣ ପାଇଁ ଉଦ୍ଦିଷ୍ଟ । ଏତଦ୍‌ବ୍ୟତୀତ ବିଶ୍ୱବ୍ୟାଙ୍କ ସହାୟତାରେ ବ୍ରହ୍ମପୁର ସହରର ବସ୍ତିବାସିନ୍ଦାଙ୍କ ଥଇଥାନ ପାଇଁ 70 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ନିମ୍ନ ଆୟକାରୀ ଏବଂ ଆର୍ଥିକ ଦୁର୍ବଳଶ୍ରେଣୀ ଲୋକଙ୍କ ଗୃହର ଭିତ୍ତିଭୂମି ଉନ୍ନୟନ ପାଇଁ 15 କୋଟି ଟଙ୍କା ଓ ରାତ୍ରି ଆଶ୍ରୟସ୍ଥଳୀର ଉନ୍ନତିପାଇଁ 2 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ନଗରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥାମାନଙ୍କୁ ଅନୁଦାନ ପାଇଁ 182 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ପ୍ରବେଶ କର ରୁ ସ୍ଥାନୀୟ ନଗରାଞ୍ଚଳ ନିକାୟ ସଂସ୍ଥାକୁ କ୍ଷତିପୂରଣ ପାଇଁ ତୃତୀୟ ରାଜ୍ୟ ଅର୍ଥ ଆୟୋଗ 2014-15 ଆର୍ଥିକ ବଷ ପାଇଁ 371 କୋଟି 88 ଲକ୍ଷ ଟଙ୍କା ସୁପାରିଶ କରିଥିବାବେଳେ 2014-15 ଆର୍ଥିକ ବର୍ଷରେ ଏଥି ନିମନ୍ତେ 500 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅଣଯୋଜନା କ୍ଷେତ୍ରରେ ଏହି ବିଭାଗ ପାଇଁ ଆବାସିକ / ଅଣଆବାସିକ ଗୃହ, ଜଳଯୋଗାଣ ପ୍ରକ୍ରି ଏବଂ ନଗରାଞ୍ଚଳ ରାସ୍ତା ର ରକ୍ଷଣାବେକ୍ଷଣ ପାଇଁ ମୋଟ 203 କୋଟି 01 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.3.3 ଗ୍ରାମ୍ୟ ଉନ୍ନୟନ ବିଭାଗ

2013-14 ଆର୍ଥିକ ବର୍ଷରେ ଏହି ବିଭାଗ ପାଇଁ ମୋଟ ବ୍ୟୟବରାଦ 2032 କୋଟି 57 ଲକ୍ଷ ଟଙ୍କା ଥିବାବେଳେ 2014-15 ଆର୍ଥିକ ବର୍ଷରେ ଏହାକୁ 4677 କୋଟି 44 ଲକ୍ଷକୁ ବୃଦ୍ଧି କରାଯାଇଛି । ଏଥିରେ ରାଜ୍ୟ ଯୋଜନା ପାଇଁ 3531 କୋଟି 68 ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ।

ନିର୍ବାଚନ ଇସ୍ତାହାରର ପ୍ରତିଶ୍ରୁତି ମୁତାବକ ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ପାଇଁ "ମୁଖ୍ୟମନ୍ତ୍ରୀ ସଡକ ଯୋଜନା" ନାମରେ ଏକ ନୂତନ ଯୋଜନା ପ୍ରଚଳନ କରାଯାଇଛି । "ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା" ଅଧୀନରେ ଅନ୍ତର୍ଭୁକ୍ତ ହୋଇନଥିବା ଗ୍ରାମ୍ୟ ରାସ୍ତାକୁ ଏହି ଯୋଜନାରେ ସାମିଲ କରାଯିବ । ଏହି ନୂତନ ଯୋଜନା ପାଇଁ 2014-15 ଆର୍ଥିକ ବର୍ଷରେ 150 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- "ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା" ଅଧୀନରେ ଗ୍ରାମାଞ୍ଚଳରେ 4000 କିମି ରାସ୍ତା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ପାଇଁ 1800 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଗ୍ରାମାଞ୍ଚଳରେ ସବୁଦିନିଆ ଯୋଗାଯୋଗ ପାଇଁ ବିଜୁ ସେତୁ ଯୋଜନାରେ ନିର୍ମାଣାଧୀନ ସେତୁକୁ ସମ୍ପୂର୍ଣ୍ଣ କରିବା ପାଇଁ ଓ 140 ଟି ନୂତନ ସେତୁ ନିର୍ମାଣ ପାଇଁ 163 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ତ୍ରୟୋଦଶ ଅର୍ଥ କମିଶନଙ୍କ ଅନୁଦାନ କ୍ରମେ ଗ୍ରାମ୍ୟ ରାସ୍ତା ଓ ସେତୁର ରକ୍ଷଣାବେକ୍ଷଣ ପାଇଁ 92 କୋଟି 38 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ରାସ୍ତା ଓ 278ଟି ସେତୁ ନିର୍ମାଣ ତଥା ଗ୍ରାମ୍ୟ ଜଳ ଯୋଗାଣ ପାଇଁ 420 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅର୍ଥନୈତିକ ଓ ପର୍ଯ୍ୟଟନ ଗୁରୁତ୍ୱ ଦୃଷ୍ଟିରୁ ବିବେଚିତ ମୁଖ୍ୟ ରାସ୍ତାର ଉନ୍ନତିକରଣ ପାଇଁ ରାଜ୍ୟ ଯୋଜନାରେ 70 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଧୀନରେ ନିର୍ମିତ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ 91 କୋଟି 77 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଅନ୍ତତଃପକ୍ଷେ 30 ବର୍ଷର ପୁରୁଣା ସରକାରୀ ବିଦ୍ୟାଳୟର ମରାମତି ଓ ନବୀକରଣ ପାଇଁ 34 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଦୁର୍ବଳ ଆଦିମ ଜନଜାତି ଗୋଷ୍ଠୀ Particularly Vulnerable Tribal Groups (PVTG) ଅଧ୍ୟୁଷିତ 543ଟି ଅଞ୍ଚଳରେ ଏବଂ ଅନୁସୂଚିତ ଜାତି/ଜନଜାତି ଅଧ୍ୟୁଷିତ 1048ଟି ପଡ଼ାଗ୍ରାମକୁ ଝରଣାରୁ ସୌରଚାଳିତ ପମ୍ପ୍ ଯୋଗେ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ସହ 1351 ପଡ଼ାଗ୍ରାମକୁ ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଉନ୍ନତମାନର ପାନୀୟ ଜଳ ଯୋଗାଇବା ପାଇଁ ଯୋଜନା ରହିଛି । ପୂର୍ବରୁ ଜଳ ଯୋଗାଣ ବ୍ୟବସ୍ଥା ନଥିବା 1254ଟି ଜନବହୁଳ ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ । ଆଂଶିକ ଭାବେ ଜଳ ଯୋଗାଇ ଦିଆଯାଇଥିବା ପଡ଼ାଗ୍ରାମ, ଅଙ୍ଗନବାଡ଼ି କେନ୍ଦ୍ର ଏବଂ ବିଦ୍ୟାଳୟକୁ ପାନୀୟ ଜଳ ଯୋଗାଣ ପାଇଁ 30,000 ନୂତନ ନଳକୂପ ସ୍ଥାପନ କରାଯିବ । ଏସବୁ କାର୍ଯ୍ୟକ୍ରମ ନିମନ୍ତେ 497 କୋଟି 78 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ନିର୍ମଳ ଭାରତ ଅଭିଯାନ ପାଇଁ 100 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.3.4 ଶକ୍ତି ବିଭାଗ

ଅର୍ଥନୈତିକ ଅଭିବୃଦ୍ଧି ଓ ଜୀବନଧାରଣ ମାନର ଉନ୍ନତିପାଇଁ ଶକ୍ତି ଏକ ଅତ୍ୟାବଶ୍ୟକ ଉପାଦାନ । ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ଶକ୍ତି ବିଭାଗ ପାଇଁ 2013-14 ଆର୍ଥିକ ବର୍ଷରେ 743 କୋଟି 56 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ 2014-15 ଆର୍ଥିକ ବର୍ଷ ପାଇଁ ଏହି ବ୍ୟୟବରାଦ ପରିମାଣ 1283 କୋଟି 3 ଲକ୍ଷ ଟଙ୍କା ଅଟେ । ଗତ ବର୍ଷ ତୁଳନାରେ ଏହି ଅଭିବୃଦ୍ଧି ହାର 75 ପ୍ରତିଶତ ଅଟେ ।

- ଆମେ ଗତ ବର୍ଷ 520 ଗୋଟି 33/11 କେଭି ସବ୍‌ଷ୍ଟେସନ ନିର୍ମାଣ ପାଇଁ ଏକ ଉଚାଭିଳାଷି ଯୋଜନା ହାତକୁ ନେଇଥିଲୁ । ଏହି କାର୍ଯ୍ୟକ୍ରମକୁ ଚାଲୁରଖିବା ପାଇଁ ଏହି ବର୍ଷ ବଜେଟ୍‌ରେ 150 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- କିଛି ବର୍ଷ ତଳେ ଆରମ୍ଭ କରାଯାଇଥିବା କ୍ୟାପେଙ୍ଗ ଯୋଜନା ଏବେ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏହାର ପ୍ରଥମ ଦଫା ଚଳିତ ଆର୍ଥିକ ବର୍ଷରେ ସଂପୂର୍ଣ୍ଣ ହେବ ଏଥିପାଇଁ 135 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- କେ.ବି.କେ. ଅଞ୍ଚଳରେ ଟ୍ରାନ୍‌ସମିଶନ ଶକ୍ତି ଅବସ୍ଥାର ଉନ୍ନତି ପାଇଁ ନୂଆ 33/11 କେଭି ସବ୍‌ଷ୍ଟେସନର ନିର୍ମାଣ, କାର୍ଯ୍ୟକ୍ଷମ ଥିବା

ସବ୍‌ଷ୍ଟେସନ ଉନ୍ନତି କରଣ, 33 କେଭି ଏବଂ 11 କେଭି ଫିଡରର ଉନ୍ନତି କରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିପାଇଁ 135 କୋଟି ବ୍ୟୟବରାଦର ପ୍ରସ୍ତାବ ଅଛି ।

- ବିଦ୍ୟାଳୟ ଓ ଅଙ୍ଗନବାଡିକୁ ଆସୁଥିବା ପିଲାମାନଙ୍କର ସୁରକ୍ଷା ନିମନ୍ତେ ଏହି ଅନୁଷ୍ଠାନମାନଙ୍କ ପରିସରରୁ ବିଦ୍ୟୁତ୍ ବିତରଣ ଲାଇନ୍ ଏବଂ ଟ୍ରାନ୍ସଫର୍ମର୍ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନିଆଯାଇଛି ଏବଂ ଏଥିପାଇଁ ଚଳିତ ବର୍ଷ ବଜେଟ୍‌ରେ 20 କୋଟି 38 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ବିଦ୍ୟୁତ୍ ଆଘାତରେ ହେଉଥିବା ହସ୍ତୀ ମୃତ୍ୟୁ ଜନିତ ବିପଦକୁ ଦୁର କରିବା ପାଇଁ ହସ୍ତୀ ଅଳିନ୍ଦ ମଧ୍ୟରେ ଥିବା ବିଦ୍ୟୁତ୍ ପରିବହନ ଭିତ୍ତିଭୂମୀର ସଶକ୍ତିକରଣ ନିମନ୍ତେ ଏହି ଆର୍ଥିକ ବର୍ଷରେ 35 କୋଟି 85 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- IIT, ଅରୁଗୁଳ, କୋଣାର୍କ ଓ ଶାମୁକା ବେଳାଭୂମି ପ୍ରକଳ୍ପର ବିଦ୍ୟୁତୀକରଣ ପାଇଁ 41 କୋଟି 68 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ପୁରୀ ବଡଦାଣ୍ଡ ଏବଂ ଲିଙ୍ଗରାଜ ରଥ ରାସ୍ତାର ଭୂ-ତଳ କେବ୍‌ଲିଙ୍ଗ୍ ସହ ସମଲେଶ୍ୱରୀ ମନ୍ଦିରର ଆଖପାଖ ଅଞ୍ଚଳ ଓ ବାରିପଦାର ରଥଦାଣ୍ଡର ଭୂ-ତଳ କେବ୍‌ଲିଙ୍ଗ୍ କାର୍ଯ୍ୟ ପାଇଁ ଚଳିତ ବର୍ଷ ନିମନ୍ତେ 4 କୋଟି 45 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଶକ୍ତି ସଂରକ୍ଷଣ ଏବଂ ଶକ୍ତି ବିନିଯୋଗ ଦକ୍ଷତା ବୃଦ୍ଧି ପାଇଁ 15 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ପଫାଇଲିନ୍ ବାତ୍ୟାରେ ବିଧ୍ୱସ୍ତ ବ୍ରହ୍ମପୁର, ଗୋପାଳପୁର ଏବଂ ଛତ୍ରପୁରରେ ବିଦ୍ୟୁତ୍ ପରିବହନ ଏବଂ ବଣ୍ଟନ ବ୍ୟବସ୍ଥା ପୁର୍ନବାସ ଓ ସୁଦୃଢୀକରଣ ପାଇଁ ଏସୀୟ ଉନ୍ନୟନ ବ୍ୟାଙ୍କର ସହାୟତାରେ ହେଉଥିବା 1000 କୋଟି ଟଙ୍କାର ପ୍ରକଳ୍ପ ନିମିତ୍ତେ ଏହି ବଜେଟ୍‌ରେ 250 କୋଟି ବ୍ୟୟବରାଦ କରାଯାଇଛି ।

- ରାଜ୍ୟ ରାଜଧାନୀ ଅଞ୍ଚଳରେ ଥିବା ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତିକରଣ ଦ୍ୱାରା ଏହି ଅଞ୍ଚଳର ଉପୋଭୋକ୍ତା ମାନଙ୍କୁ ବିପର୍ଯ୍ୟୟ ପ୍ରତିରୋଧକ ଶକ୍ତି ସରବରାହ ଭିତ୍ତିଭୂମୀ ଓ ନିରବଚ୍ଛିନ ବିଦ୍ୟୁତ ଯୋଗାଣ ପାଇଁ 100 କୋଟି ଟଙ୍କାର ବ୍ୟୟ ବରାଦ କରାଯାଉଛି ।

- ସେହିପରି ଓଡିଶା ପାୱାର ସିଷ୍ଟମ୍ ଇମ୍ପ୍ରୁଭ୍‌ମେଣ୍ଟ ପ୍ରୋଜେକ୍ଟ ନାମକ ଏକ ନୂତନ ବହୁମୂଖୀ ପ୍ରକଳ୍ପ ଚଳିତ ବର୍ଷ କାର୍ଯ୍ୟକାରୀ ହେବାକୁ ଯାଉଛି । ଏଥିପାଇଁ 55 କୋଟି 2 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହାର ଚାରି ଗୋଟି ଅଂଶ ରହିଛି , ସେଗୁଡିକ ହେଲା -

  କ) ନିର୍ଭରଯୋଗ୍ୟ ଓ ଉଚ୍ଚମାନର ବିଦ୍ୟୁତ୍ ଶକ୍ତି ଯୋଗାଣ ପାଇଁ Radial to Ring Conversation Project.

  ଖ) ବାତ୍ୟା ପ୍ରଭାବିତ ତଟବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥାକୁ ବିପର୍ଯ୍ୟୟ ପ୍ରତିରୋଧକ କରିବା ପାଇଁ Disaster Resilient Power System (DRPS)

ଗ) ବିଦ୍ୟୁତ୍ ସରବାରହ କ୍ଷେତ୍ରରେ ବିପର୍ଯ୍ୟୟ ପ୍ରଶମନ ପାଇଁ ଏକ ଆନୁଷ୍ଠାନିକ ବ୍ୟବସ୍ଥା

ଘ) ଜିଲ୍ଲା ସଦର ମହକୁମାରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା

- ଶକ୍ତି ସରବରାହ ଓ ବଣ୍ଟନ ବ୍ୟବସ୍ଥାର ଉନ୍ନତି ପାଇଁ ଅନ୍ୟ କେତେକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ଏହି ବଜେଟ୍ ରେ ଅର୍ଥ ବ୍ୟବସ୍ଥା କରାଯାଇଛି । ସେଗୁଡିକ ହେଲା :

  - ➢ ବିଦ୍ୟୁତ ପରିବହନ ଓ ବଣ୍ଟନ ବ୍ୟବସ୍ଥାର ଗୁଣାତ୍ମକ ଉନ୍ନତି ପାଇଁ ସ୍ମାର୍ଟ ଗ୍ରୀଡ୍ ପ୍ରୋଜେକ୍ଟ ନିମନ୍ତେ 15.00 କୋଟି ଟଙ୍କାର ବ୍ୟବସ୍ଥା

  - ➢ କେ.ବି.କେ. ଓ ଜନଜାତି ବହୁଳ ଅଞ୍ଚଳରେ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାର ସମ୍ପ୍ରସାରଣ ଓ ଦୃଢିକରଣ ପାଇଁ ଓପିଟିସିଏଲ୍ କୁ 50.00 କୋଟି ଟଙ୍କାର ମୂଳଧନ ସହାୟତା ।

  - ➢ ସୌର ଓ କ୍ଷୁଦ୍ର ଜଳ ବିଦ୍ୟୁତ ସ୍ଥାପନ ପାଇଁ ପ୍ରୋତ୍ସାହାନ ନିମନ୍ତେ Green Engery Development Corporation of Odisha Ltd.କୁ 10.00 କୋଟି ଟଙ୍କାର ସହାୟତା ।

  - ➢ ଗ୍ରାମ୍ୟ ବିଦ୍ୟୁତକରଣ ପାଇଁ ଆମ ନିଜ ସମ୍ବଳରୁ ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା ପାଇଁ 75 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ।

- ନଗରାଞ୍ଚଳରେ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ପାଇଁ ବିଜୁ ସହରାଞ୍ଚଳ ବିଦ୍ୟୁତ୍ କରଣ ଯୋଜନା ଅଧୀନରେ 10 କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

## 6.4 ସାଧାରଣ ସେବା

### 6.4.1 ସ୍ୱରାଷ୍ଟ୍ର ବିଭାଗ

2013-14 ଆର୍ଥିକ ବର୍ଷରେ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ସ୍ୱରାଷ୍ଟ୍ର ବିଭାଗ ପାଇଁ 2713 କୋଟି 32 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ, 2014-15 ଆର୍ଥିକ ବର୍ଷର ବଜେଟ୍ ଆକଳନରେ ଏହି ବ୍ୟୟବରାଦକୁ 3167 କୋଟି 87 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ବ୍ୟୟବରାଦ ବିଗତ ବର୍ଷର ବ୍ୟୟବରାଦ ତୁଳନାରେ ଯଥେଷ୍ଟ ଅଧିକ ଅଟେ ।

- ପୋଲିସ୍ ଏବଂ ଅନ୍ୟାନ୍ୟ ବାହିନିର ଆଧୁନିକୀ କରଣ ପାଇଁ ଜାତୀୟ ଯୋଜନା (National Scheme for Mordernisation of Police and other Forces) ଅଧୀନରେ ରାଜ୍ୟ ଯୋଜନା କ୍ଷେତ୍ରରେ 119 କୋଟି 60 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରେ 52 କୋଟି ଟଙ୍କା ଥାନା ଗୃହ ନିର୍ମାଣ ଏବଂ ଥାନାର ସୁଦୃଢିକରଣ ପାଇଁ ଓ 36 କୋଟି 50 ଲକ୍ଷ ଟଙ୍କା ଆବାସିକ ଗୃହ ନିର୍ମାଣ ପାଇଁ ଉଦ୍ଦିଷ୍ଟ । ଏତଦ୍ବ୍ୟତୀତ ସଂରଞ୍ଜାମ କ୍ରୟ ପାଇଁ 31 କୋଟି 10 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ ସିସିଟିଏନ୍ଏସ୍ (Crime &

Criminal Tracking Network and Systems) ପ୍ରକ୍ରିର କାର୍ଯ୍ୟାନ୍ୱୟନ ପାଇଁ 27 କୋଟି 2 ଲକ୍ଷ ଟଙ୍କା ଉଦ୍ଦିଷ୍ଟ ।

- ତ୍ରୟୋଦଶ ଅର୍ଥ କମିଶନ ଅନୁଦାନ କ୍ରମେ 2014-15 ଆର୍ଥିକ ବର୍ଷରେ ରାଜ୍ୟରେ 3 ଟି ପୋଲିସ୍ ପ୍ରଶିକ୍ଷଣ ପ୍ରତିଷ୍ଠା ନିମନ୍ତେ 17 କୋଟି 98 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ରାଜ୍ୟର ନିଜସ୍ୱ ସମ୍ବଳରୁ ରାଜ୍ୟ ଯୋଜନାରେ ପୋଲିସ୍ ସଂସ୍ଥାର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ 98 କୋଟି 36 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ ପୋଲିସ୍ ଥାନା ଗୃହ ନିର୍ମାଣ ପାଇଁ 61 କୋଟି 10 ଲକ୍ଷ ଟଙ୍କା, କର୍ମଚାରୀଙ୍କ ଆବାସିକ ଗୃହ ନିର୍ମାଣ ନିମନ୍ତେ 28 କୋଟି 37 ଲକ୍ଷ ଟଙ୍କା ଏବଂ ସଂରଞ୍ଜାମ କ୍ରୟ ନିମନ୍ତେ 8 କୋଟି 89 ଲକ୍ଷ ଟଙ୍କା ଉଦ୍ଦିଷ୍ଟ ।

- ରାଜ୍ୟ ଯୋଜନାରେ ଜେଲ୍ ସଂସ୍ଥାର ସାମଗ୍ରୀକ ଉନ୍ନତି ପାଇଁ 56 କୋଟି 48 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥି ମଧ୍ୟରୁ 52 କୋଟି 28 ଲକ୍ଷ ଟଙ୍କା ଜେଲ୍ ନିର୍ମାଣ ଓ ଉନ୍ନତିକରଣ ଏବଂ କର୍ମଚାରୀଙ୍କ ଆବାସିକ ଗୃହ ନିର୍ମାଣ ଓ 4 କୋଟି 20 ଲକ୍ଷ ଟଙ୍କା ଆବଶ୍ୟକତା ଭିତ୍ତିକ ସଂରଞ୍ଜାମ ଯଥା - ସେଲ୍ ଫୋନ ଜାମର, ସ୍କାନର, ସିସିଟିଭି, ଏବଂ ଭିଡିଓ କନ୍‌ଫରେନ୍‌ସ ପାଇଁ ଉଦ୍ଦିଷ୍ଟ ।

- ରାଜ୍ୟ ଯୋଜନାରେ ଅଗ୍ନୀଶମ ସଂସ୍ଥାର ଉନ୍ନତି ପାଇଁ 64 କୋଟି 47 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ 29 କୋଟି 71 ଲକ୍ଷ ଟଙ୍କା ଅଗ୍ନିନିରୋଧକ ସରଞ୍ଜାମ କ୍ରୟ ଏବଂ 34 କୋଟି 76 ଲକ୍ଷ ଟଙ୍କା ଦମକଳ କେନ୍ଦ୍ର ଓ ଆବାସିକ ଗୃହ ନିର୍ମାଣ ପାଇଁ ଉଦ୍ଦିଷ୍ଟ ।

- ରାଜ୍ୟ ଯୋଜନାରେ ବିଚାର ବିଭାଗର ଭିତ୍ତିଭୂମି ଉନ୍ନୟନ ପାଇଁ 95 କୋଟି 95 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ 63 କୋଟି 63 ଲକ୍ଷ ଟଙ୍କା ନ୍ୟାୟାଳୟ ଗୃହ ନିର୍ମାଣ ଏବଂ 19 କୋଟି 85 ଲକ୍ଷ ଟଙ୍କା ଆବାସିକ ଗୃହ ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟ ।

- ଅଣ ଯୋଜନା କ୍ଷେତ୍ରରେ ନିରାପତ୍ତା ଜନିତ ଖର୍ଚ୍ଚ (Security Related Expenditure)ପାଇଁ 96 କୋଟି 14 ଲକ୍ଷ ଟଙ୍କା ବ୍ୟୟବରାଦର କରାଯାଇଛି ଏବଂ ପୋଲିସ ବାହିନୀର ଆଧୁନିକୀକରଣ (Modernisation of Police Force) ପାଇଁ 26 କୋଟି 33 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ନକ୍ସଲ ସଂସ୍ଥାରେ ଥିବା ବିପଥଗାମୀ ଯୁବକଙ୍କ ହୃଦୟ ଜୟ କରି ସେମାନଙ୍କୁ ମୁଖ୍ୟ ସ୍ରୋତକୁ ଫେରାଇଆଣିବାପାଇଁ ରାଜ୍ୟ ସରକାର ଏକ ଆକର୍ଷଣୀୟ ଆତ୍ମସମର୍ପଣ ଏବଂ ଥଇଥାନ ଯୋଜନା ପ୍ରସ୍ତୁତ କରିଛନ୍ତି । ଏଥିରେ ସେମାନଙ୍କର ଥଇଥାନ ପାଇଁ ଆର୍ଥିକ ସହାୟତା ବ୍ୟବସ୍ଥା ଅଛି । ଏହି ଉଦ୍ଦେଶ୍ୟରେ ଅଣଯୋଜନାରେ 79 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- 34 ଟି ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଦାଲତ ପ୍ରତିଷ୍ଠାପାଇଁ ଅଣ ଯୋଜନାରେ 11 କୋଟି 87 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏହି କୋର୍ଟ ମହିଳାମାନଙ୍କ ବିରୁଦ୍ଧରେ ହେଉଥିବା ଗୁରୁତର ଅପରାଧକୁ ଫାଷ୍ଟ ଟ୍ରାକ କୋର୍ଟ ଆଧାରରେ ବିଚାରକରିବେ ।

- ସିସିଟିଏନ୍‌ଏସ୍ ପ୍ରକଳ୍ପରେ ସଂଯୋଗୀକରଣର ଉନ୍ନତି ପାଇଁ 2 କୋଟି 62 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ପୋଲିସ୍ ସଂସ୍ଥାର ମୋଟର ଯାନ ଏବଂ କୋର୍ଟ ଭ୍ୟାନ୍ କ୍ରୟ୍ ପାଇଁ 10 କୋଟି 50 ଲକ୍ଷ ଟଙ୍କା ବ୍ୟୟ୍ବରାଦ କରାଯାଇଛି । ଏତଦ୍ବ୍ୟତୀତ ନୂତନ ରୂପେ ଗଠିତ ହୋଇଥିବା ଦୁଇଟି ସ୍ୱତନ୍ତ୍ର ଆଇ.ଆର୍. ବାଟାଲିଆନ୍ର ମୋଟର ଯାନ କ୍ରୟ୍ ପାଇଁ 4 କୋଟି 50 ଲକ୍ଷ ଟଙ୍କାର ବ୍ୟୟ୍ବରାଦ କରାଯାଇଛି ।
- ଅଣ ଯୋଜନାରେ ଆମ ପୋଲିସ୍ ଯୋଜନା ପାଇଁ 32 ଲକ୍ଷ ଟଙ୍କା ବ୍ୟୟ୍ବରାଦ କରାଯାଇଛି ।

### 6.4.2 ରାଜସ୍ୱ ଓ ବିପର୍ଯ୍ୟୟ୍ ପରିଚାଳନା ବିଭାଗ

ରାଜସ୍ୱ ଓ ବିପର୍ଯ୍ୟୟ୍ ପରିଚାଳନା ବିଭାଗରେ ଉଭୟ୍ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 2013-14 ଆର୍ଥିକ ବର୍ଷରେ 1344 କୋଟି 84 ଲକ୍ଷ ଟଙ୍କା ବ୍ୟୟ୍ବରାଦ ହୋଇଥିବାବେଳେ, 2014-15 ଆର୍ଥିକ ବର୍ଷରେ ଏହି ବ୍ୟୟ୍ବରାଦ ପରିମାଣ 2480 କୋଟି 40 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ବିଗତ ବର୍ଷର ବ୍ୟୟ୍ବରାଦ ତୁଳନାରେ ଯଥେଷ୍ଟ ଅଧିକ ଅଟେ ।

- ବିଶ୍ୱ ବ୍ୟାଙ୍କ ସହାୟ୍ତାରେ 'ଓଡିଶା ବିପର୍ଯ୍ୟୟ୍ ପ୍ରଶମନ ପ୍ରକଳ୍ପ' ପାଇଁ ରାଜ୍ୟ ଯୋଜନାରେ 2014-15 ବଜେଟ୍ ଆକଳନ ପାଇଁ 400 କୋଟି ଟଙ୍କା ବ୍ୟୟ୍ବରାଦ କରାଯାଇଛି । ଏହା ପଫାଇଲିନ୍ ଏବଂ ପରବର୍ତ୍ତୀ ବନ୍ୟା ଯୋଗୁଁ ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧାରେ କ୍ଷତିଗ୍ରସ୍ତ ହୋଇଥିବା ଗୃହର ପୁନଃ ନିର୍ମାଣ ଏବଂ ଗୃହ ପାଇଁ ଭିତ୍ତିଭୂମି ଯଥା, ଆନ୍ତଃ ରାସ୍ତା ନିର୍ମାଣ, ଜଳ ଯୋଗାଣ, ପରିମଳ ଇତ୍ୟାଦି ପାଇଁ ଉଦ୍ଦିଷ୍ଟ ।

- ଜାତୀୟ ବାତ୍ୟା ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟକ୍ରମ (NCRMP) ଏବଂ ଏନ୍‌ସିଆରଏନ୍‌ପି (ଅତିରିକ୍ତ ଆର୍ଥିକ ସହାୟତା) ପାଇଁ ରାଜ୍ୟ ଯୋଜନାରେ 2014-15 ବଜେଟ୍ ଆକଳନ ଅନୁସାରେ 411 କୋଟି 31 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ରାଜ୍ୟ ଆପଦ ମୁକାବିଲା ପାଣ୍ଠି (SDRF) ପାଇଁ ଅଣ ଯୋଜନା କ୍ଷେତ୍ରରେ 719 କୋଟି 32 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ 350 କୋଟି ଟଙ୍କା ରାଜ୍ୟର ଅତିରିକ୍ତ ଅବଦାନ ଅଟେ । ଜାତୀୟ ଆପଦ ମୁକାବିଲା ପାଣ୍ଠିରୁ ପିଲିନ୍ ପ୍ରଭାବିତ ଅଞ୍ଚଳରେ ମରାମତି ଓ ଥଇଥାନ କାର୍ଯ୍ୟକ୍ରମ ପାଇଁ ଭାରତ ସରକାରଙ୍କର ସ୍ୱଳ୍ପ ସହାୟତା ଯୋଗୁଁ ଏହି ପାଣ୍ଠିରୁ ଖର୍ଚ୍ଚ ତୁଲାଇବା ସମ୍ଭବପର ହୋଇନଥିଲା । ସୁତରାଂ ରାଜ୍ୟ ନିଜସ୍ୱ ସମ୍ବଳରୁ ରାଜ୍ୟ ଆପଦ ମୁକାବିଲା ପାଣ୍ଠି (SDRF) ପାଇଁ 350 କୋଟି ଟଙ୍କା ଅତିରିକ୍ତ ଅବଦାନ କରି ପିଲିନ୍ ପ୍ରଭାବିତ ଅଞ୍ଚଳରେ ରିଲିଫ୍ ମରାମତି ଓ ଥଇଥାନ କାର୍ଯ୍ୟକ୍ରମ ଚାଲୁ କରାଯିବ ।

- ଏତଦ୍‌ବ୍ୟତୀତ ଅଣ ଯୋଜନା କ୍ଷେତ୍ରରେ ଜାତୀୟ ଆପଦ ମୁକାବିଲା ପାଣ୍ଠି (NDRF) ପାଇଁ 200 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- କ୍ଷେତ୍ରୀୟ ରାଜସ୍ୱ କାର୍ଯ୍ୟାଳୟର ଭିତ୍ତିଭୂମି ଉନ୍ନତି ପାଇଁ ରାଜ୍ୟ ଯୋଜନାରେ ଅଫିସ ଗୃହ ନିର୍ମାଣ ନିମନ୍ତେ 40 କୋଟି 25 ଲକ୍ଷ ଟଙ୍କା ଏବଂ ଆବାସିକ ଗୃହ ନିର୍ମାଣ ପାଇଁ 14 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

- ଜାତୀୟ ଭୂ ରେକର୍ଡ ଆଧୁନିକୀରଣ କାର୍ଯ୍ୟକ୍ରମ ଅଧୀନରେ ଆଧୁନିକ, ସମନ୍ୱିତ, ଉନ୍ନିତ ଏବଂ ସ୍ୱଚ୍ଛ ଭୂ ରେକର୍ଡ ପରିଚାଳନା ବ୍ୟବସ୍ଥାର ପ୍ରସ୍ତୁତିପାଇଁ ରାଜ୍ୟ ଯୋଜନାରେ 21 କୋଟି 28 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ରାଜ୍ୟ ଯୋଜନାରେ 2014-15 ଆର୍ଥିକ ବର୍ଷପାଇଁ ରାଜସ୍ୱ କାର୍ଯ୍ୟାଳୟକୁ କମ୍ପ୍ୟୁଟରୀକରଣ କରିବାପାଇଁ 15 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିସହିତ ରାଜସ୍ୱ କାର୍ଯ୍ୟାଳୟରେ ସୂଚନା ପ୍ରଯୁକ୍ତିବିଦ୍ୟା ଭିତ୍ତିଭୂମିର ସଶକ୍ତିକରଣ ଏବଂ ରେଜିଷ୍ଟ୍ରେସନ ଅଫିସ୍‌ର କମ୍ପ୍ୟୁଟରୀକରଣ ପାଇଁ 4 କୋଟି 67 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ବାସହୀନ ପରିବାରକୁ ସ୍ଥିତିବାନ ଜମି ଓ ଭୂମିହୀନ ପରିବାରକୁ କୃଷି ଜମି ବଣ୍ଟନପାଇଁ ରାଜ୍ୟ ଯୋଜନାରେ 6 କୋଟି 30 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ସରକାରୀ ଜମିର ସୁରକ୍ଷା ପାଇଁ ରାଜ୍ୟ ଯୋଜନାରେ 4 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ନୂଆ ରାଜସ୍ୱ ନିରୀକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ସ୍ଥାପନ ନିମନ୍ତେ 2014-15 ବଜେଟ୍‌ରେ 2 କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.4.3 ସାଧାରଣ ପ୍ରଶାସନ ବିଭାଗ

ଏହି ବିଭାଗରେ ଉଭୟ ଯୋଜନା ଓ ଅଣ ଯୋଜନା ପାଇଁ 276 କୋଟି 84 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଓଡିଶା ସାଧାରଣ ସେବା ଅଧିକାର ଆଇନ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ଯୋଜନାରେ 2 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ସାଧାରଣ ସେବା ଯୋଗାଣକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ସଚେତନତା ଅଭିଯାନ ପାଇଁ 1 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।
- ଜିଲ୍ଲା ନବୀକରଣ ପାଣ୍ଠି ପାଇଁ 15 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.4.4 ଆଇନ ବିଭାଗ

ବିଗତ ବର୍ଷରେ ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 203 କୋଟି 66 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା ବେଳେ ଚଳିତ ବର୍ଷ ଏହାକୁ 253 କୋଟି 6 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

- ବିଗତ ବର୍ଷ ଶ୍ରୀ ଜଗନ୍ନାଥ ମନ୍ଦିର ଓ ମନ୍ଦିର ପ୍ରଶାସନ ପାଇଁ ଅନୁଦାନ ବାବଦରେ 7 କୋଟି 75 ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା ବେଳେ ଚଳିତ ବର୍ଷ ଏଥିନିମନ୍ତେ 9 କୋଟି 15 ଲକ୍ଷ ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ଅଛି ।

## 6.5 ଅନ୍ୟାନ୍ୟ କ୍ଷେତ୍ର

### 6.5.1 ସୂଚନା ଓ ଲୋକସମ୍ପର୍କ ବିଭାଗ

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 60 କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ଅଛି ।

### 6.5.2 କ୍ରୀଡା ଓ ଯୁବ ସେବା ବିଭାଗ

ଏହି ବିଭାଗ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ 92 କୋଟି 89 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ Sports Complex ର ଉନ୍ନତି ପାଇଁ 28 କୋଟି 13 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିରେ ଦ୍ୱିତୀୟ ହକି ଷ୍ଟାଡିୟମରେ ସିନ୍ଥେଟିକ୍ ଟପର୍ଫ (Synthetic Turf) ବିଛାଇବା ପାଇଁ ବ୍ୟୟ ବରାଦ କରାଯାଇଛି ।

### 6.5.3 ସଂସ୍କୃତି ବିଭାଗ

ଏହି ବିଭାଗ ବଜେଟ୍‌ରେ ଚଳିତ ବର୍ଷ ପାଇଁ ଉଭୟ ଯୋଜନା ଓ ଅଣ ଯୋଜନାରେ 84 କୋଟି 42 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ ବୌଦ୍ଧ ପ୍ରତିମା ଏବଂ କୀର୍ତ୍ତିରାଜିର ସୁରକ୍ଷା ପାଇଁ 16 କୋଟି 25 ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ।

### 6.5.4 ପର୍ଯ୍ୟଟନ ବିଭାଗ

ଏହି ବିଭାଗ ପାଇଁ ବିଗତ ବର୍ଷ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ 75 କୋଟି ଟଙ୍କା ବ୍ୟୟଦରାଦ କରାଯାଇଥିଲାବେଳେ ଚଳିତ ବର୍ଷ ପାଇଁ ଏହି ବ୍ୟୟବରାଦ 162 କୋଟି 17 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

- ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ 123 କୋଟି 46 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଆନ୍ତର୍ଜାତିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଆନ୍ତର୍ଜାତିକ ଘଟଣାବଳୀର ଆୟୋଜନ ଏବଂ ବିଜ୍ଞାପନ ପାଇଁ 25 କୋଟି 50 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

### 6.5.5 ଅବକାରୀ ବିଭାଗ

ଉଭୟ ଯୋଜନା ଓ ଅଣ ଯୋଜନା କ୍ଷେତ୍ରରେ ବିଗତ ବର୍ଷ ପାଇଁ ଅବକାରୀ ବିଭାଗରେ 56 କୋଟି 54 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା ବେଳେ ଚଳିତ ବର୍ଷ ଏହି ବ୍ୟୟବରାଦକୁ 63 କୋଟି 98 ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏଥିମଧ୍ୟରୁ 5 କୋଟି ଟଙ୍କା ରେଞ୍ଜ୍ ଓ ଚାର୍ଜ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ।

### 6.5.6 ଓଡିଶା ବିଧାନ ସଭା

ଓଡିଶା ବିଧାନସଭା ପାଇଁ 51 କୋଟି 91 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ 20 ଲକ୍ଷ ଟଙ୍କା ପୂର୍ବତନ ବିଧାୟକ/ବିଧାୟିକା ମାନଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ପାଇଁ ଉଦ୍ଦିଷ୍ଟ ।

## 7. ପୁରୀ ନବକଳେବର - 2015

7.1 ଓଡିଶାର ଧାର୍ମିକ ଓ ସାଂସ୍କୃତିକ ଜୀବନରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଏକ ସ୍ୱତନ୍ତ୍ର ସ୍ଥାନ ଅଛି । ଜଗନ୍ନାଥ ସଂସ୍କୃତିରେ ନବକଳେବର ମହୋତ୍ସବ ଏକ ପ୍ରମୁଖ ଯାତ୍ରା ଅଟେ; ଯାହା 12 ରୁ 19 ବର୍ଷ ବ୍ୟବଧାନରେ ପାଳିତ ହୁଏ । ଏହି ପରମ୍ପରା ଶତାବ୍ଦୀ ଶତାବ୍ଦୀ ଧରି ଗଡି ଆସୁଛି ଏହି ପରମ୍ପରା ଅନୁସାରେ ଶ୍ରୀ ଜୀଉମାନେ ନବକଳେବର ଧାରଣକରିଥାନ୍ତି । ଗଣନା ଅନୁସାରେ ଆଗାମୀ ନବକଳେବର ମହୋତ୍ସବ 2015 ମସିହାରେ ଅନୁଷ୍ଠିତ ହେବ ଓ ଏହି ଅବସରରେ 50 ଲକ୍ଷ ତୀର୍ଥଯାତ୍ରୀ, ଦର୍ଶକ ଓ ପର୍ଯ୍ୟଟକଙ୍କ ପୁରୀ ଠାରେ ସମାବେଶକୁ ଆଖି ଆଗରେ ରଖି ଓଡିଶା ସରକାର ଆବଶ୍ୟକ ପ୍ରସ୍ତୁତି ପାଇଁ ପଦକ୍ଷେପ ନେଉଛନ୍ତି ।

7.2 ନୂତନ ଭିତ୍ତିଭୂମି ଉନ୍ନୟନ ଓ ଉପଲବ୍ଧ ସେବା ଓ ସୁବିଧାର ସୁଦୃଢୀକରଣ ପାଇଁ ଅନେକ ଗୁଡିଏ ପ୍ରକଳ୍ପ ହାତକୁ ନିଆଯାଇଛି । ପିଇବା ପାଣି ସୁବିଧା, ପରିମଳ ବ୍ୟବସ୍ଥା, ନାଳ ସଫେଇ, ବିଦ୍ୟୁତ୍ ବିତରଣ ପାଇଁ ଗ୍ରୀଡ୍ ଷ୍ଟେସନ ଗୁଡିକର ଦକ୍ଷତା ବୃଦ୍ଧି ଏବଂ ନେଟ୍‌ୱାର୍କ ବ୍ୟବସ୍ଥା, ରାସ୍ତା ନେଟ୍‌ୱାର୍କ ଅଭିବୃଦ୍ଧି, ରେଳ ଷ୍ଟେସନର ଉନ୍ନତିକରଣ ଇତ୍ୟାଦି ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

7.3 ନବକଳେବର- 2015 କୁ ସଫଳ କରିବା ପାଇଁ ବଜେଟ୍‌ରେ ଯଥେଷ୍ଟ ବ୍ୟବସ୍ଥା କରାଯାଇଛି ।

- ନବକଳେବର ପାଇଁ ରାସ୍ତା ଗୁଡିକର ଉନ୍ନତିକରଣ ପାଇଁ 71 କୋଟି 70 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

- ମହାପ୍ରଭୁ ଜଗନ୍ନାଥଙ୍କର ନବକଳେବରକୁ ଆଖି ଆଗରେ ରଖି ମାଳତୀପାଟପୁର ଠାରେ ବସଷ୍ଟାଣ୍ଡ ନିର୍ମାଣ ପାଇଁ 73 କୋଟି 70 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ପର୍ଯ୍ୟଟନ ତଥା ଧାର୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଥିବା ପୁରୀ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ନିର୍ଭରଯୋଗ୍ୟ ତଥା ଉଚ୍ଚମାନର ବିଦ୍ୟୁତ୍ ଯୋଗାଣ ପାଇଁ ଶକ୍ତି ବିଭାଗ 300 କୋଟିରୁ ଉର୍ଦ୍ଧ ଟଙ୍କାର ପ୍ରକଳ୍ପ ହାତକୁ ନେଇଛନ୍ତି ଏବଂ ଏଥିପାଇଁ 2014-15 ବଜେଟ୍‌ରେ 130 କୋଟି 95 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ଆଗାମୀ ନବକଳେବର 2015 ପାଇଁ ପୁରୀ ଜିଲ୍ଲାର ବିଭିନ୍ନ ହାସପାତାଳରେ ଯନ୍ତ୍ରପାତି କ୍ରୟ ନିମନ୍ତେ 4 କୋଟି 38 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।
- ରାଜ୍ୟ ଯୋଜନାରେ ଗୃହ ବିଭାଗ ବଜେଟ୍‌ରେ 2015 ନବକଳେବର ପାଇଁ 10 କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରୁ 6 କୋଟି ଟଙ୍କା ସିସିଟିଭି ଏବଂ ଶ୍ରୀ ଜଗନ୍ନାଥ ମନ୍ଦିରର ସୁରକ୍ଷା ପାଇଁ ଯନ୍ତ୍ରପାତି କ୍ରୟ ନିମନ୍ତେ ଓ ବାକି 4 କୋଟି ଟଙ୍କା ଆବାସିକ ତଥା ଅଣ ଆବାସିକ ଗୃହର ଭିତ୍ତିଭୂମି ପାଇଁ ବ୍ୟୟବରାଦ କରାଯାଇଛି ।
- 2015 ନବକଳେବର ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନକୁ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ନିମନ୍ତେ 7 କୋଟି 80 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି ।

## 8. ଉନ୍ନତ ଆର୍ଥିକ ସୁପରିଚାଳନା ପାଇଁ ଆନୁଷ୍ଠାନିକ ସଂସ୍କାର

୫.1 ରାଜ୍ୟ ସରକାର ଅର୍ଥ ବ୍ୟବସ୍ଥାର ଉନ୍ନତ ସୁପରିଚାଳନା ଓ ସର୍ବ ସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଖର୍ଚ୍ଚର ଗୁଣାତ୍ମକ ମାନବୃଦ୍ଧି କରିବାପାଇଁ କେତେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ଅର୍ଥ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା କେତେକ ନାଗରିକକୈନ୍ଦ୍ରିକ ଇ-ସେବା (e-Service) ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରୁଅଛି ।

## ୫.2 **ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା** Integrated Financial Management System (IFMS)

ରାଜ୍ୟ ସରକାରଙ୍କ ଆର୍ଥିକ ପରିଚାଳନା ପାଇଁ ଆବଶ୍ୟକ ସମସ୍ତ ହିସାବ ଓ ଦେୟର ପ୍ରାପ୍ତି ଓ ପ୍ରଦାନ ଏକ ସ୍ୱୟଂଚାଳିତ ବ୍ୟବସ୍ଥା ଜରିଆରେ ସମ୍ପାଦନ କରାଯିବ; ଯାହା ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (IFMS) ନାମରେ ପରିଚିତ । ଓଡିଶା ଟ୍ରେଜେରୀ ପରିଚାଳନା ବ୍ୟବସ୍ଥା ପର୍ଯ୍ୟାୟକ୍ରମେ ଏକ ସ୍ୱୟଂଚାଳିତ ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥାରେ ପରିଣତ ହେବ । ଏହି ବ୍ୟବସ୍ଥାରେ ବଜେଟ ପ୍ରସ୍ତୁତି, ବଜେଟ କାର୍ଯ୍ୟାନ୍ୱୟନ ସହ ସମସ୍ତ ବିଭାଗମାନଙ୍କର ଆର୍ଥିକ ପରିଚାଳନାଜନିତ କାର୍ଯ୍ୟସମୂହ ସମ୍ପାଦନ କରାଯାଇପାରିବ । ଏହି ସ୍ୱୟଂଚାଳିତ ବ୍ୟବସ୍ଥା ଦ୍ୱାରା ଆର୍ଥିକ ପରିଚାଳନା ସମ୍ବନ୍ଧୀୟ ତଥ୍ୟ ଅନାୟାସରେ ଆହରଣ କରିହେବ ଏବଂ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ ବ୍ୟବସ୍ଥା ଦ୍ୱାରା ଆର୍ଥିକ ଶୃଙ୍ଖଳା ଓ ସୁପରିଚାଳନା ସମ୍ଭବ ହେବ । ଏହା ଆମ ବଜେଟ ପ୍ରସ୍ତୁତି ପ୍ରଣାଳୀକୁ ଉନ୍ନତତର ଓ ଅଧିକ ସ୍ୱଚ୍ଛ କରିବା ସହ ଉତ୍ତରଦାୟିତ୍ୱକୁ ଦୃଢୀଭୁତ କରିବ । ଏହାମଧ୍ୟ ମାନବସମ୍ବଳ ପରିଚାଳନା ବ୍ୟବସ୍ଥା - Human Resources Management System (HRMS) ଏବଂ ପୂର୍ତ୍ତ ଡ଼ିଭିଜନ ମାନଙ୍କର ମାସିକ ହିସାବ ପ୍ରସ୍ତୁତି ବ୍ୟବସ୍ଥା- Works and Accounting Management Information System (WAMIS) ସହ ସଂଯୁକ୍ତ ହେବ । ଏହି ବ୍ୟବସ୍ଥାରେ ବଜେଟ୍ ପ୍ରଣୟନ, ଅନୁଶୀଳନ, ଆର୍ଥିକ ସୂଚନା ପ୍ରଦାନ, ଆର୍ଥିକ ସ୍ଥିତି ସମ୍ବନ୍ଧୀୟ ଖସଡ଼ା

ପ୍ରସ୍ତୁତି, ହିସାବ ସମୀକ୍ଷା ଓ ତାହାର ଅନୁପାଳନର ସମସ୍ତ ବିବରଣୀ ସଂରକ୍ଷିତ ହେବ ।

8.3 ରାଜ୍ୟରେ ଟିକସ ପରିଚାଳନା ବ୍ୟବସ୍ଥାରେ ଦକ୍ଷତା, ସ୍ୱଚ୍ଛତା ଆଣିବାପାଇଁ ତଥା ଉଦ୍ୟୋଗ ପରିବେଶକୁ ପ୍ରତିବନ୍ଧକ ମୁକ୍ତ କରିବାପାଇଁ ରାଜ୍ୟ ବାଣିଜ୍ୟକର ସଂସ୍ଥା ବ୍ୟବସାୟୀ ମାନଙ୍କପାଇଁ ଟିକସ ପ୍ରଦାନ, ରିଟର୍ଣ୍ଣ ଦାଖଲ, ପଞ୍ଜିକରଣ, ରେଜିଷ୍ଟ୍ରେସନ୍ ସାର୍ଟିଫିକେଟର ସଂଶୋଧନ, ୱେ ବିଲ ଓ ବୈଧାନିକ ଫର୍ମ ଗୁଡିକ ପ୍ରଦାନ ଆଦି ବିଭିନ୍ନ କାର୍ଯ୍ୟପାଇଁ ଅନଲାଇନ କମ୍ପ୍ୟୁଟର ସେବା ପ୍ରଚଳନ କରାଯାଇଛି । ଆଗାମୀ ଦିନରେ ବ୍ୟବସାୟୀ କୈନ୍ଦ୍ରିକ ଅଧିକ କମ୍ପ୍ୟୁଟର ସେବାର ପ୍ରଚଳନ ପାଇଁ ପଦକ୍ଷେପ ନିଆଯାଉଛି । ଏତଦ୍‌ବ୍ୟତୀତ ବ୍ୟବସାୟୀକ ସ୍ୱେଚ୍ଛାକୃତ ଟିକସ ପ୍ରଦାନକୁ ବୃଦ୍ଧି କରିବା ଓ ଟିକସ ଫାଙ୍କିକୁ ତିକ୍ଷ୍ଣ ନଜର ରଖିବା ପାଇଁ ବ୍ୟବସାୟୀକ ବୌଦ୍ଧିକ ଉପକରଣକୁ କାର୍ଯ୍ୟରେ ନିୟୋଜିତ କରାଯିବ ।

## 9. ସର୍ବସାଧାରଣ ସେବା ଅଧିକାର

ଓଡିଶା ସର୍ବସାଧାରଣ ସେବା ଅଧିକାର 2012 ଏହି ପବିତ୍ର ଗୃହରେ ଅନୁମୋଦନ ଲାଭ କରିଛି, ଯାହା ଆମ ରାଜ୍ୟର ନାଗରିକ ମାନଙ୍କୁ ମୌଳିକ ସେବା ଯୋଗାଇ ଦେବାରେ ଦକ୍ଷତା, ସ୍ୱଚ୍ଛତା, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉତ୍ତର ଦାୟିତ୍ୱ ସହିତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି ଆଇନର ପରିସର ମଧ୍ୟରେ 10 ଟି ପ୍ରଶାସନିକ ବିଭାଗର 73 ଟି ସେବାକୁ ଅନ୍ତର୍ଭୁକ୍ତ କରାଯାଇଛି ।

## 10. ବଜେଟ୍ ଅଟକଳ-ଓଡିଶା ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଆଇନର ପାଳନ ।

10.1 ଓଡିଶା ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ଆଇନରେ ରାଜ୍ୟ ସରକାର ରାଜସ୍ୱ ବଳକା ସୃଷ୍ଟି ପାଇଁ ପଦକ୍ଷେପ ନେବାସହ ଆର୍ଥିକ ନିଅଣ୍ଟକୁ ସାମଗ୍ରୀକ ଘରୋଇ ଉତ୍ପାଦର 3 ପ୍ରତିଶତରେ ସୀମିତ ରଖିବା ସହ,

ଋଣ ଓ ସାମଗ୍ରୀକ ଘରୋଇ ଉତ୍ପାଦର ଅନୁପାତକୁ 29.5 ପ୍ରତିଶତରେ ସୀମିତ ରଖିବାର ନିର୍ଦ୍ଦେଶାବଳୀ ରହିଛି । ଉପରୋକ୍ତ 3 ଟି ଯାକ ବିତ୍ତୀୟ୍ ସୂଚକାଙ୍କ ଧାର୍ଯ୍ୟଲକ୍ଷ୍ୟକୁ ଦୃଷ୍ଟିରେ ରଖି 2014-15 ଆର୍ଥିକ ବର୍ଷର ବଜେଟ୍ ଆକଳନ କରାଯାଇଛି ।

**10.2** 2014-15 ଆର୍ଥିକ ବର୍ଷରେ ରାଜସ୍ୱ କ୍ଷେତ୍ରରେ ଖର୍ଚ୍ଚ 62881.42 କୋଟି ଟଙ୍କା ହେବବୋଲି ଆକଳନ କରାଯାଇଛି । ରାଜସ୍ୱ କ୍ଷେତ୍ରରେ ସନ୍ତୁଳନ ହାସଲ କଲାପରେ, ଚଳିତ ବର୍ଷରେ ରାଜସ୍ୱ ବଳକା 4265.55 କୋଟି ଟଙ୍କା ହେବାବୋଲି ବଜେଟ୍‌ରେ ଆକଳନ କରାଯାଇଛି । ଏହା ଘରୋଇ ଉତ୍ପାଦର 1.31 ପ୍ରତିଶତ ହେବ । ସେହିପରି ବିତ୍ତୀୟ୍ ନିଅଣ୍ଟ 9696.83 କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି, ଯାହା ସାମଗ୍ରୀକ ଘରୋଇ ଉତ୍ପାଦର 2.98 ପ୍ରତିଶତ ହେବ ।

**10.3** 2014-15 ଆର୍ଥିକ ବର୍ଷ ଶେଷରେ ରାଜ୍ୟର ଋଣ ଭାର 50986.83 କୋଟି ଟଙ୍କା ହେବବୋଲି ଆକଳନ କରାଯାଇଛି, ଯାହା ସାମଗ୍ରୀକ ଘରୋଇ ଉତ୍ପାଦର 15.64 ପ୍ରତିଶତ ହେବ ।

## 11. ଟିକସ ପ୍ରସ୍ତାବ

ବିଗତ 13 ବର୍ଷ ମଧ୍ୟରେ ଟିକସ ପ୍ରଶାସନର ସଂସ୍କାର ଦ୍ୱାରା ଟିକସର ଆଧାରକୁ ସଂପ୍ରସାରିତ କରାଯାଇଛି ଯାହା ଫଳରେ ନିଜସ୍ୱ ଟିକସ / ଘରୋଇ ଉତ୍ପାଦ ଅନୁପାତ 4 ପ୍ରତିଶତରୁ 6 ପ୍ରତିଶତକୁ ବୃଦ୍ଧି ପାଇଛି । କିନ୍ତୁ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ଏହି ଅନୁପାତ ବିଗତ 3-4 ବର୍ଷ ଧରି ସ୍ଥିର ରହିଛି । ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାରକୁ ତ୍ୱରାନ୍ୱିତ କରିବାପାଇଁ ଅତିରିକ୍ତ ସମ୍ବଳର ଆବଶ୍ୟକତା ରହିଛି । ଖଣିଜ ପଦାର୍ଥ ଉପରେ ରୟାଲଟି ବୃଦ୍ଧିପାଇଁ କେନ୍ଦ୍ର ସରକାରଙ୍କର ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ରାଜ୍ୟ ସରକାର ଖଣି ରାଜସ୍ୱରୁ ପର୍ଯ୍ୟାପ୍ତ ରାଜସ୍ୱ ପ୍ରାପ୍ତିରୁ ବଞ୍ଚିତ ହେଉଛନ୍ତି । କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଅନୁଧ୍ୟାନକାରୀ ଗୋଷ୍ଠି

ଖଣିଜ ରୟାଲଟି 10 ପ୍ରତିଶତରୁ 15 ପ୍ରତିଶତ ି ବୃଦ୍ଧିପାଇଁ ସୁପାରିଶ କରିଥିଲେ ଯାହାକି ଅଗଷ୍ଟ 2012 ଠାରୁ ସଂଶୋଧିତ ହେବାକଥା । ଏଥିପାଇଁ ଆମର ଦୈନିକ 5 କୋଟି ଟଙ୍କାର ରାଜସ୍ୱ କ୍ଷତି ହେଉଛି ।

**11.2** ରାଜ୍ୟ ସରକାର ଅତିରିକ୍ତ ସମ୍ବଳ ଆଦାୟ ପାଇଁ ଖଣି ଲିଜ ଓ ଖଣି ଲିଜର ନବୀକରଣ ଉପରେ ଷ୍ଟାମ୍ପ ଡିୟୁଟି ପ୍ରଦାନ ପାଇଁ ଷ୍ଟାମ୍ପ ଆଇନ 1899 ସଂଶୋଧନ କରିଥିଲେ । ଏହା ବର୍ତ୍ତମାନ ନ୍ୟାୟାଳୟରେ ବିଚାରଧୀନ ଅଛି । ତେଣୁ ରାଜ୍ୟ ସରକାର ଏହି ବାବଦରୁ କୌଣସି ରାଜସ୍ୱ ପାଇ ପାରୁନାହାନ୍ତି ।

**11.3** ପ୍ରଚଳିତ ଯୋଜନାଗୁଡ଼ିକ ପାଇଁ ଅଧିକ ବ୍ୟୟ ବରାଦ ଏବଂ କେତେ ଗୁଡ଼ିଏ ନୂତନ ଯୋଜନା କାର୍ଯ୍ୟକାରୀ ହେତୁ ଏହି ବର୍ଷ ବଜେଟ୍ ର କଳେବର ଉଲ୍ଲେଖନୀୟ ଭାବରେ ବୃଦ୍ଧି ହୋଇଛି । ଉଦାହରଣ ସ୍ୱରୂପ ଆମ ରାଜ୍ୟର ନିଜସ୍ୱ ମୁଖ୍ୟକାର୍ଯ୍ୟକ୍ରମ "ମୋ କୁଡିଆ" ଯୋଜନା ପାଇଁ ବ୍ୟୟ ବରାଦ 230 କୋଟି ଟଙ୍କା ବୃଦ୍ଧି ହୋଇଛି । ସେହିପରି ନୂତନ ଭାବେ ପ୍ରଣୟନ କରାଯାଇଥିବା "ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା" ପାଇଁ 150 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏସବୁ ପଦକ୍ଷେପ ପାଇଁ ଅତିରିକ୍ତ ସମ୍ବଳର ଆବଶ୍ୟକତା ଅଛି ।

**11.4** ରାଜ୍ୟର ସମ୍ବଳ ବୃଦ୍ଧି ପାଇଁ ମୁଁ ବିଦେଶୀ ମଦ ଉପରେ 20 ପ୍ରତିଶତରୁ 25 ପ୍ରତିଶତ ଟିକସ ବୃଦ୍ଧି ଏବଂ ପେଟ୍ରୋଲ ଓ ଡିଜେଲ ଉପରେ ଟିକସ ହାର 18 ରୁ 20 ପ୍ରତିଶତ ପୁନଃପ୍ରବର୍ତ୍ତନ କରିବା ପାଇଁ ପ୍ରସ୍ତାବ ରଖୁଛି । ଆର୍ଥିକ ସ୍ୱଚ୍ଛଳ ବର୍ଗ ଙ୍କର ଟିକସ ଦେୟ ପ୍ରଦାନ ପାଇଁ ଥିବା ସାମର୍ଥ୍ୟକୁ ଦୃଷ୍ଟିରେ ରଖି ବିଦେଶୀ ମଦର ଟିକସ ବୃଦ୍ଧି କରାଯାଉଛି । ରାଜ୍ୟ ଅର୍ଥମନ୍ତ୍ରୀ ମାନଙ୍କର ଉଚ୍ଚକ୍ଷମତା ସମ୍ପର୍ଣ୍ଣ କମିଟି ପେଟ୍ରୋଲ ଓ ଡ଼ିଜେଲ ଉପରେ ସର୍ବନିମ୍ନ ହାର 20 ପ୍ରତିଶତ ରଖିବା ପାଇଁ ଅନୁମୋଦନ କରିଛନ୍ତି । ପୁନଃଶ୍ଚ ଆମରାଜ୍ୟରେ ପେଟ୍ରୋଲ ଓ ଡିଜେଲ ଦର ଅନ୍ୟ ରାଜ୍ୟର ପ୍ରଚଳିତ

ମୂଲ୍ୟଠାରୁ କମଥିବା ଯୋଗୁଁ ଏହି ଟିକସ ବୃଦ୍ଧି ଅନ୍ୟ ରାଜ୍ୟର ପେଟ୍ରୋଲ ଓ ଡ଼ିଜେଲ ମୂଲ୍ୟ ସହିତ ସମାନ ରହିବ । ଏହି ଦୁଇ ପଦକ୍ଷେପ ଦ୍ୱାରା ବାର୍ଷିକ ଅତିରିକ୍ତ 375 କୋଟି ଟଙ୍କାର ଅତିରିକ୍ତ ସମ୍ବଳ ଉପଲବ୍ଧ ହେବ ।

## 12. ଉପସଂହାର

ସମ୍ମାନଶ୍ପଦ ବାଚସ୍ପତି ମହୋଦୟ! ମୁଁ ବିତ୍ତୀୟ ଶୃଙ୍ଖଳା ଓ ଜନସାଧାରଣଙ୍କ ଆଶା ଆକାଂକ୍ଷା ମଧ୍ୟରେ ସମନ୍ୱୟ ରକ୍ଷାପାଇଁ ପ୍ରଚେଷ୍ଟା କରିଛି । ଏହି ବଜେଟ୍‌କୁ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ଓ ଜନସାଧାରଣଙ୍କ କଲ୍ୟାଣପାଇଁ ଉତ୍ସର୍ଗ କରୁଛି ।

ମୁଁ ପୁର୍ନବାର ଆପଣଙ୍କୁ, ଗୃହର ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବିରୋଧୀ ଦଳର ନେତା ଏବଂ ଏହି ପବିତ୍ର ଗୃହର ସମସ୍ତ ମାନ୍ୟବର ସଦସ୍ୟ ସଦସ୍ୟାମାନଙ୍କୁ ମୋତେ ଧୈର୍ଯ୍ୟର ସହ ଶୁଣିଥିବାରୁ ସାଧୁବାଦ ଜଣାଉଛି ।

**// ଜୟ ହିନ୍ଦ //**

**// ବନ୍ଦେ ଉତ୍କଳ ଜନନୀ //**